# ରାସ୍ତା ଅବରୋଧ କରି ଗ୍ରାମବାସୀଙ୍କ ପ୍ରତିବାଦ

ବ୍ରହ୍ମବରଦା/ଯାଜପୁର ସଦର,୩୦ା୬
(ଯଯାତି କେଶରୀ ବେହେରା/ସମର ବିଜୟ ଶରଣ)



ଗ୍ରାମବାସୀ ବରୁଆଁ-ବାଲିଚନ୍ଦ୍ରପୁର ମୁଖ୍ୟରାସ୍ତା ଅବରୋଧ କରିଛନ୍ତି।

ଯାଜପୁର ବ୍ଲକ୍ ଅନ୍ତର୍ଗତ ଝାଲପଡ଼ା ପଞ୍ଚାୟତ ଝାଲପଡ଼ା ଗ୍ରାମରେ ରାଶନ ସାମଗ୍ରୀ ପ୍ରଦାନରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏନେଇ ଶୁକ୍ରବାର ସକାଳେ ଝାଲପଡ଼ା ଗ୍ରାମର ଶତାଧିକ ମହିଳା ଓ ପୁରୁଷ ବରୁଆଁ-ବାଲିଚନ୍ଦ୍ରପୁର ମୁଖ୍ୟରାସ୍ତାକୁ ଝାଲପଡ଼ା ଛକଠାରେ ଟାୟାର ଜାଳି ଅବରୋଧ କରି ପ୍ରତିବାଦ ଜଣାଇଛନ୍ତି। ଫଳରେ ୨ ଘଣ୍ଟା ଧରି ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଗାଡ଼ିମୋଟର ଅଟକି ରହିଥିଲା। ଖବର ପାଇ ବ୍ରହ୍ମବରଦା ପୋଲିସ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲା। ହେଲେ ଉପରିସ୍ଥ ଅଧିକାରୀ ଆସି ଘଟଣାର ସମାଧାନ ନ କରିବା ପର୍ଯ୍ୟନ୍ତ ଆନ୍ଦୋଳନକାରୀ ରାସ୍ତାରୁ ହଟିବେ ନାହିଁ ବୋଲି ଜିଦ୍ ଧରିଥିଲେ। ଫଳରେ ସେମାନଙ୍କୁ ବୁଝାଇବାକୁ ପୋଲିସକୁ ନାକେଦମ ହେବାକୁ ପଡ଼ିଥିଲା। ଶେଷରେ ପୋଲିସ ସମସ୍ୟାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଲାପରେ ଆନ୍ଦୋଳନକାରୀ ରାସ୍ତା ଅବରୋଧରୁ ହଟିଯାଇଥିଲେ।

ଗ୍ରାମବାସୀ କହିଛନ୍ତି, ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ମିଳୁଥିବା ରାଶନ ସାମଗ୍ରୀକୁ ଝାଲପଡ଼ା ଗ୍ରାମର ଡିଲର ପର୍ଶୁରାମ ମୁଦୁଲି ବଣ୍ଟନ କରୁଛନ୍ତି। ହେଲେ ୪ ମାସ ହେବ ସେ ୭୨୬ ହିତାଧିକାରୀଙ୍କୁ ସାମଗ୍ରୀ ନ ଦେଇ ହଡ଼ପ କରିଛନ୍ତି। ଏନେଇ ପ୍ରତିବାଦ କରୁଥିବା ଗ୍ରାମର କେତେଜଣ ମୁଷ୍ଟିମେୟ ଲୋକଙ୍କୁ ରାତିଅଧିଆ ଚାଉଳ ଦେଇ ସେମାନଙ୍କ ପାଟି ଚୁପ୍ କରି ଦେଉଛନ୍ତି। ହେଲେ ଗରିବ ଶ୍ରେଣୀର ଲୋକେ ଡିଲରଙ୍କ ନିକଟକୁ ଦୌଡ଼ି ଦୌଡ଼ି ନିରାଶ ହୋଇ ଫେରୁଛନ୍ତି। ଆଜି କାଲି କହି ସେ ସାମଗ୍ରୀ ଦେଉନାହାନ୍ତି। ପୂର୍ବରୁ ବ୍ଲକ୍ ପ୍ରଶାସନର

## ୪ ମାସ ହେବ ମିଳୁନି ରାଶନ ସାମଗ୍ରୀ

ଦୃଷ୍ଟି ଆକର୍ଷଣ କରାଯିବା ସହ ଡିଲରଙ୍କ ଘର ଆଗରେ ପ୍ରତିବାଦ କରାଯାଇଥିଲା। ହେଲେ କିଛି ସୁଫଳ ମିଳିନଥିଲା। ଶେଷରେ ନିରୁପାୟ ହୋଇ ଗ୍ରାମବାସୀ ରାସ୍ତା ଅବରୋଧ କରିଥିଲେ। ଅନ୍ୟପକ୍ଷରେ ସମ୍ପୃକ୍ତ ଡିଲର ହିତାଧିକାରୀଙ୍କଠାରୁ ଆଗୁଆ ଫିଙ୍ଗରପ୍ରିଣ୍ଟ ନେଉଥିଲେ ମଧ୍ୟ ସାମଗ୍ରୀ ଦେଉ ନ ଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏହାର ପ୍ରଚ୍ଛଦ ପଟରେ କୌଣସି ରାଜନେତାଙ୍କ ହାତ ରହିଥିବା ଚର୍ଚ୍ଚା ହେଉଛି। ସେହିପରି ଡିଲରଶିପ୍ ପର୍ଶୁରାମଙ୍କ ନାଁରେ ଥିବାବେଳେ ତାଙ୍କ ପୁଅ ସାମଗ୍ରୀ ବିତରଣ କରୁଥିବା ସୂଚନା ମିଳିଛି। ଏ ସମ୍ପର୍କରେ ପର୍ଶୁରାମଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ। ତାଙ୍କ ପୁଅ କହିଛନ୍ତି, ଗାଁ ବହୁ ବଡ଼ ହେଉଥିବାରୁ ମୁଁ ଆଗୁଆ ଫିଙ୍ଗର ପ୍ରିଣ୍ଟ ନେଇଯାଏ। ରାଶନ ସାମଗ୍ରୀ ଷ୍ଟକ୍ ନାହିଁ। ଆସିଲେ ସମସ୍ତଙ୍କୁ ଦିଆଯିବ। ଏହାକୁ ଗ୍ରାମବାସୀ ସହଜରେ ଗ୍ରହଣ କରି ପାରିନାହାନ୍ତି। ସେମାନେ ରାଶନ ଘୋଟାଲାର ତଦନ୍ତ ଦାବି କରିଛନ୍ତି। ଦେଖିବାକୁ ଅପେକ୍ଷା ପ୍ରଶାସନ ଏ ଦିଗରେ କି ପଦକ୍ଷେପ ନେଉଛି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଓମ୍‌ପ୍ରକାଶ



@ ତରୁଣ



@ ସୋନୁ



@ ପ୍ରମୋଦ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସଂକ୍ଷେପରେ

### ଯୁକ୍ତ ୩ ପରୀକ୍ଷାରେ ଚିତାଳୋ କଲେଜର ସଫଳତା

**ଯାଜପୁର ଟାଉନ,୩୦ା୬ (ପ୍ରଯଲ୍କା ପ୍ରିୟଦର୍ଶିନୀ ମହାନ୍ତି):** ଯାଜପୁର ଚିତାଳୋ ଡିଗ୍ରୀ ମହାବିଦ୍ୟାଳୟରେ ଯୁକ୍ତ ୩ ଶେଷ ବର୍ଷର ଛାତ୍ରୀଛାତ୍ର ସଫଳତା ଅର୍ଜନ କରିଛନ୍ତି। ମହାବିଦ୍ୟାଳୟ ଗଣିତ ବିଭାଗ ଛାତ୍ର ସୌମ୍ୟରଞ୍ଜନ ପ୍ରଧାନ ଓ ଷ୍ଟାଟିଷ୍ଟିକ୍ ବିଭାଗର ଅପ୍‌ସାନା ଖାତୁନ୍ ଉତ୍କଳ ବିଶ୍ୱବିଦ୍ୟାଳୟସ୍ତରରେ ଟପ୍ପର ହୋଇ ମହାବିଦ୍ୟାଳୟର ଗୌରବ ବୃଦ୍ଧି କରିଛନ୍ତି। ଅନ୍ୟ ବିଭାଗରେ ମଧ୍ୟ ଛାତ୍ରୀଛାତ୍ର ଭଲ ସଫଳତା ଆଣିଛନ୍ତି। ଏହି ସଫଳତାରେ ଖୁସି ହୋଇ ବିଦ୍ୟାଳୟର ପରିଚାଳନା କମିଟି ସଭାପତି କର୍ଣ୍ଣାଟକେଶରୀ ଦାସ, ଅଧକ୍ଷ ଅଦ୍ୱୈତ ପ୍ରସାଦ ମଲ୍ଲିକ, ମହାବିଦ୍ୟାଳୟର ଅଧାପିକାଅଧାପକ, କର୍ମଚାରୀ ଓ ଛାତ୍ରୀଛାତ୍ର କୃତୀ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

### ଶ୍ରୀରାମପୁର ଟୋଲ ପ୍ଲାଜା ସମ୍ମୁଖରେ ପ୍ରସ୍ତାବିତ ଧାରଣା ସ୍ଥଗିତ

**ବଡ଼ଚଣା,୩୦ା୬(ଦିଲୀପ କୁମାର ମହାନ୍ତି):** ୫୩ନଂ. ଜାତୀୟ ରାଜପଥର ଶ୍ରୀରାମପୁରସ୍ଥିତ ଟୋଲ ପ୍ଲାଜାଠାରେ ବେଆଇନ ଭାବେ ଆଦାୟ ହେଉଥିବା ଅର୍ଥ ବିରୋଧରେ ମହାବିନାୟକ ଲଘୁ ଖଣିଜ ପରିବହନ ମାଲିକ ସଂଘ ପକ୍ଷରୁ ଆସନ୍ତା ୧ ତାରିଖ ଶନିବାର ହେବାକୁ ଥିବା ଧାରଣା ସ୍ଥଗିତ ରଖାଯାଇଛି। ଶୁକ୍ରବାର ସଂଘ କାର୍ଯ୍ୟାଳୟଠାରେ ସଭାପତି ଅଜାମ୍ବର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ କୁହାଯାଇଛି ଯେ, ଯାଜପୁର ଆରକ୍ଷୀ ଅଧୀକ୍ଷକ ବିନୀତ କୁମାର ଅଗ୍ରୱାଲଙ୍କ ନିର୍ଦ୍ଦେଶରେ ଧର୍ମଶାଳା ଥାନା ଅଧିକାରୀ ରାକେଶ ତ୍ରିପାଠୀ ଓ ସଂଘ କର୍ମକର୍ତ୍ତାଙ୍କ ମଧ୍ୟରେ ଆଲୋଚନା ହୋଇଛି। ଏହାପରେ ଧାରଣାକୁ ଅନିର୍ଦ୍ଦିଷ୍ଟ ସମୟ ପାଇଁ ସ୍ଥଗିତ ରଖାଯାଇଛି।

# ଲୋକଙ୍କ ନିକଟତର ହେବାକୁ କର୍ମୀଙ୍କୁ ଆହ୍ୱାନ

ଯାଜପୁର ସଦର,୩୦ା୬
(ସମର ବିଜୟ ଶରଣ)

## ୩୧ ନଂ. ଜୋନ୍‌ରେ କଂଗ୍ରେସର ସାଙ୍ଗଠନିକ ବୈଠକ



ବୈଠକରେ ଯୋଗଦେଇଥିବା କଂଗ୍ରେସ ନେତା ଓ କର୍ମୀ।

ଯାଜପୁର ବ୍ଲକ୍ ଅନ୍ତର୍ଗତ ସୁଜନପୁରଠାରେ ବ୍ଲକ୍ କଂଗ୍ରେସ ପକ୍ଷରୁ ୩୧ ନମ୍ବର ଜୋନ୍‌ର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ କଂଗ୍ରେସ ସଭାପତି ଗଦାଧର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରୀ ନିର୍ବାଚନମଣ୍ଡଳୀ କଂଗ୍ରେସ ନେତ୍ରୀ ଆରତି ଦେଓ, ସମ୍ମାନିତ ଅତିଥି ଭାବେ ଯାଜପୁରର ବରିଷ୍ଠ କଂଗ୍ରେସ ନେତା ସନ୍ତୋଷ ନନ୍ଦ ଯୋଗ ଦେଇଥିଲେ। ବୈଠକ ପ୍ରାରମ୍ଭରେ ଯାଜପୁରର ପୂର୍ବତନ ଲୋକ ସଭା ସଦସ୍ୟ ଅନାଦି ଚରଣ ଦାସଙ୍କ ବିୟୋଗରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

କଂଗ୍ରେସକୁ ତୃଣମୂଳସ୍ତରରୁ ମଜଭୁତ କରିବା ପାଇଁ ପ୍ରତ୍ୟେକ ୱାର୍ଡସ୍ତରରୁ ଲୋକଙ୍କ ନିକଟତର ହେବାକୁ ନେତ୍ରୀ ଦେଓ ଉପସ୍ଥିତ କର୍ମୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ବରିଷ୍ଠ ନେତା ନନ୍ଦ କର୍ମୀମାନେ ଏକଜୁଟ ହୋଇ ଦଳର ପୂର୍ବ ଗୌରବ ଫେରାଇବା ପାଇଁ ସାଧାରଣ ଲୋକଙ୍କ ନିକଟତର ହେବାକୁ କହିଥିଲେ। ଏହି ବୈଠକରେ ଝାଲପଡ଼ା ପଞ୍ଚାୟତର ପ୍ରଶାନ୍ତ ଜେନାଙ୍କ ସମେତ କେତେଜଣ କର୍ମୀ ଅନ୍ୟଦଳରୁ ଆସି କଂଗ୍ରେସରେ ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦଶରଥପୁର ବ୍ଲକ କଂଗ୍ରେସ ସଭାପତି ଶ୍ୟାମସୁନ୍ଦର କର, ଶ୍ୟାମଦାସପୁର ପୂର୍ବତନ ସରପଞ୍ଚ ଗଣେଶ୍ୱର ଦାସ, ପୂର୍ବତନ ବ୍ଲକ ଅଧକ୍ଷ ନବକିଶୋର ନାୟକ, ସୁବାସ ଚନ୍ଦ୍ର ମହାନ୍ତି, ମନୋଜ ସାହୁ, ଦେବେନ୍ଦ୍ର ଦାସ, ଜୀବନ ଜ୍ୟୋତି ବିଶ୍ୱାଳ ଓ ସମ୍ବର ଜେନାଙ୍କ ସମେତ ୮ ପଞ୍ଚାୟତର ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

## ଭାଲୁଖାଇ ଜଗନ୍ନାଥ ମନ୍ଦିରରେ ଅଧରପଣା ନୀତି

ଧର୍ମଶାଳା,୩୦ା୬ (ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ବ୍ଲକ ଅଧୀନ ଭାଲୁଖାଇସ୍ଥିତ ଜଗନ୍ନାଥ ମନ୍ଦିରରେ ଶୁକ୍ରବାର ମହାପ୍ରଭୁ ଜଗନ୍ନାଥଙ୍କ ଅଧରପଣା ନୀତି ସମ୍ପନ୍ନ ହୋଇଛି। ରଥାରୂଢ଼ ଚତୁର୍ଦ୍ଧାମୂର୍ତ୍ତିଙ୍କ ପାଖରେ ଅଧରପଣା ଅର୍ପଣ କରାଯାଇଛି। ବିଧିମୁତାବକ ମହାପ୍ରଭୁଙ୍କ ନିଳାଦ୍ରୀ ବିଜେ ପୂର୍ବରୁ ଅଧରପଣା କରାଯାଇ ପାର୍ଶ୍ୱ ଦେବଦେବୀଙ୍କୁ ଅର୍ପଣ କରାଯାଇଥାଏ। ଗୁରୁବାର ଠାକୁରଙ୍କ ସୁନାବେଶ ଅନୁଷ୍ଠିତ ହୋଇଥିବାବେଳେ ଶୁକ୍ରବାର ଅଧରପଣା ନୀତି ଦେଖିବାକୁ ହଜାରହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଧର୍ମଶାଳା ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ମନ୍ଦିର ସଭାପତି ପ୍ରଶନ୍ନ କୁମାର ବରାଳ, ଉପଦେଷ୍ଟା ଅବଦୁତ ରାଉତ, ସୁନିଲ ରାଉତରାୟ, କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ପ୍ରମୋଦ କୁମାର ସର, ଗଜେନ୍ଦ୍ର ବେହେରା, ପ୍ରଭୁଦତ୍ତ ଜେନା, ଅନିରୁଦ୍ଧ ରାଉତ ଓ ଅଶୋକ କୁମାର ଜେନା ପ୍ରମୁଖ ପରିଚାଳନା କରିଥିଲେ। ଅଧରପଣା ନୀତି ସମାପ୍ତ ପରେ ମନ୍ଦିର ପରିସରରେ ବିଭୁତି ବଳଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ମତ୍ସ୍ୟଜୀବୀଙ୍କ ଜାଲରେ ବିରାଟକାୟ ମାଛ

ଧର୍ମଶାଳା,୩୦ା୬ (ବଟକୃଷ୍ଣ ପରିଡ଼ା)



ଧର୍ମଶାଳା ବ୍ଲକ ଅଧୀନ ଜେନାପୁର ପଞ୍ଚାୟତ ବରହମପୁର ଗ୍ରାମ ନିକଟରେ ଶୁକ୍ରବାର ମତ୍ସ୍ୟଜୀବୀମାନଙ୍କ ଜାଲରେ ଏକ ବିରାଟକାୟ ମାଛ ପଡ଼ିଛି। ବ୍ରହ୍ମଣୀ ନଦୀର ବରହମପୁରଠାରେ ମାଛ ଧରିବାକୁ ପୂର୍ବାହ୍ନରେ ସ୍ଥାନୀୟ ଅଞ୍ଚଳର ବିଚିତ୍ର ଦଳେଇ ଓ ସୁଦର୍ଶନ ଦଳେଇ ଯାଇଥିଲେ। ସେମାନେ ସେଠାରେ ଜାଲ ପକାଇବା ସମୟରେ ଜାଲରେ ଏକ ବଡ଼ ମାଛ ଲାଗିଥିଲା। ବହୁ କଷ୍ଟରେ ମାଛକୁ ନଦୀକଡ଼କୁ ଆଣିଥିଲେ। ଏହି ଘଟଣା ଜଣାପଡିବା ପରେ ମାଛ ଦେଖିବା ଲାଗି ନଦୀକୁଳରେ ସ୍ଥାନୀୟ ଲୋକଙ୍କ ଭିଡ଼ ଜମିଥିଲା। ମାଛ ସାରଣ୍ଡ ପ୍ରଜାତିର ହୋଇଥିବା ଜଣାଯାଇଛି। ମାଛଟି ୪୦ କିଲୋରୁ ଉର୍ଦ୍ଧ୍ୱ ଓଜନର ହୋଇଥିବାବେଳେ ତାହାକୁ ୮ ହଜାର ୫ ଶହ ଟଙ୍କାରେ ବିକ୍ରି କରାଯାଇଛି। ଏତେବଡ଼ ମାଛ ଏ ଅଞ୍ଚଳରୁ ପୂର୍ବରୁ କେବେ ଧରା ହୋଇ ନ ଥିବା ସ୍ଥାନୀୟ ମତ୍ସ୍ୟଜୀବୀମାନେ ସୂଚନା ଦେଇଛନ୍ତି।

# ପରିବା ଦର ଆକାଶଛୁଆଁ, ଗ୍ରାହକ ହନ୍ତସନ୍ତ

ଚଣ୍ଡିଖୋଲ,୩୦ା୬ (ପ୍ରଦୀପ୍ତ କୁମାର ପୃଷ୍ଟି)

ଅଦିନରେ ପରିବା ଦର ହୁହୁ ହୋଇ ବଢୁଥିବାରୁ ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। କେବଳ ଟମାଟଟୋ ନୁହେଁ, ସମସ୍ତ ପରିବା ଦର ବଢି ଚାଲିଛି। ବଡ଼ଚଣା ବ୍ଲକ୍ ଅଞ୍ଚଳରେ ବାଇଗଣ କିଲୋ ୫୦ଟଙ୍କା ହୋଇଥିବାବେଳେ କଲରା- ୮୦ ଟଙ୍କା, ପୋଟଳ-୬୦, ଝୁଡ଼ଙ୍ଗ- ୧୦୦, ବିମ୍-୧୨୦, ଅମୃତଭଣ୍ଡା-୪୦, ଭେଣ୍ଡି-୪୦ ଓ ଜହ୍ନି -୫୦ଟଙ୍କା ହୋଇଛି। ଗ୍ରାମାଞ୍ଚଳରେ ପ୍ରତ୍ୟେକ ପରିବା ଦର ବୃଦ୍ଧି ପାଇଥିବାରୁ ଲୋକେ ପରିବା ହାଟକୁ ଯିବାକୁ ଡରୁଛନ୍ତି। ସେହିପରି ଅଦା କିଲୋ ୨୫୦ଟଙ୍କା, ରସୁଣ କିଲୋ ୧୦୦ ଟଙ୍କା ହୋଇଛି। ମାତ୍ର ୧୫ଦିନ ମଧ୍ୟରେ ପରିବାର ମୂଲ୍ୟ ବୃଦ୍ଧି ଯୋଗୁ ହାଣ୍ଡିଶାଳକୁ ମାଡ଼ ହୋଇଛି। ବର୍ଷାଦିନ ଆରମ୍ଭରେ ଏଭଳି ଅହେତୁକ ମୂଲ୍ୟବୃଦ୍ଧି କେବେ ଘଟି ନ ଥାଏ। ଏବେ ଏହି ମୂଲ୍ୟବୃଦ୍ଧିକୁ ନେଇ ପ୍ରତ୍ୟେକ ପରିବାରରେ ଚିନ୍ତା ବଢାଇ ଦେଇଛି। କିପରି ସରକାରଙ୍କ ତରଫରୁ ପରିବା ମୂଲ୍ୟ ସ୍ଥିର ରଖାଯାଇ ପାରିବ ସେଥିନେଇ ଗ୍ରାହକମାନେ ଆଶା ରଖିଛନ୍ତି।

# ଏସୟୁସିଆଇ(କମ୍ୟୁନିଷ୍ଟ) ପକ୍ଷରୁ ପ୍ରତିବାଦ

ଯାଜପୁର ଟାଉନ,୩୦ା୬
(ପ୍ରଯଲ୍କା ପ୍ରିୟଦର୍ଶିନୀ ମହାନ୍ତି)




ଏସୟୁସିଆଇ (କମ୍ୟୁନିଷ୍ଟ) କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ମେ'୩ରୁ ମଣିପୁରରେ ଲାଗିରହିଥିବା ବ୍ୟାପକ ସାମ୍ପ୍ରଦାୟିକ ଜଳାପୋଡ଼ା, ନରସଂହାର ବିରୋଧରେ ଶୁକ୍ରବାର ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଯାଜପୁର ଜିଲା ପକ୍ଷରୁ ପ୍ରତିବାଦ କରାଯାଇଛି। ଏନେଇ ଏକ ଶୋଭଯାତ୍ରା ଯାଜପୁର ବଡ଼ ଡାକ୍ତରଖାନାଠାରୁ ବାହାରି ସହର ପରିକ୍ରମା କରିଥିଲା। ପାର୍ଟିର ରାଜ୍ୟ କମିଟି ସଭ୍ୟ ସୁଭାଷ ମଲ୍ଲିକ, ଜିଲା କମିଟି ସଭ୍ୟ କ. ସୁଲୋଚନା ପ୍ରଧାନ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ତରଙ୍ଗିଣୀ ଦାସ, ସଂଗଠିକା ମମତା ସେଠୀ, ସସ୍ମିତା ଯେନା ଓ ପଲ୍ଲୀ ମଲ୍ଲିକ ପ୍ରମୁଖ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ।

ଉଭୟ କେନ୍ଦ୍ର ଓ ରାଜ୍ୟ ଭାଜପା ସରକାର ଦ୍ୱାରା ମଦତ୍‌ପୁଷ୍ଟ ଏବଂ ସମର୍ଥନରେ ମଣିପୁରର ମାରାତ୍ମକ ସାମ୍ପ୍ରଦାୟିକ ଦଙ୍ଗାରେ ଶହଶହ ଲୋକଙ୍କ ମୃତ୍ୟୁ ହୋଇଛି। ହଜାର ହଜାର ବାସଚ୍ୟୁତ ହୋଇଛନ୍ତି ଓ ବ୍ୟାପକ ପୋଡାଜଳା

## ମଣିପୁରରେ ନରସଂହାର, ଗୃହଦାହ

କରାଯାଇଛି। ଏହାକୁ କେନ୍ଦ୍ର ସରକାର ପ୍ରୋତ୍ସାହିତ କରି ଚାଲିଛନ୍ତି। ଜାତି, ଧର୍ମ, ବର୍ଣ୍ଣ, ଜନଗୋଷ୍ଠୀ ନିର୍ବିଶେଷରେ ସଧାରଣଲୋକଙ୍କ ଜୀବନ ସହିତ ଖେଳ ଖେଳାଯାଉଛି ବୋଲି ଏସ୍‌ୟୁସିଆଇ କମ୍ୟୁନିଷ୍ଟ ପକ୍ଷରୁ ଅଭିଯୋଗ କରାଯାଇଛି। ତେଣୁ ଏସ୍‌ୟୁସିଆଇ କମ୍ୟୁନିଷ୍ଟ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ତୀବ୍ର ନିନ୍ଦା କରିବା ସହିତ ତୁରନ୍ତ ସେଠାରେ ସ୍ୱାଭାବିକ ଅବସ୍ଥା ଫେରାଇ ଆଣିବା, ଶାନ୍ତି ପ୍ରତିଷ୍ଠା ଏବଂ ଜନସାଧାରଣ ତାଙ୍କର ଅମୂଲ୍ୟ ଜୀବନ ରକ୍ଷା କରିବା ଓ ଦଙ୍ଗାକାରୀଙ୍କୁ ଦୃଢ଼ ହସ୍ତରେ ଦମନ କରିବା ପାଇଁ ଦାବି କରିଛି।

# ଭାରତମାତା ପ୍ରତିମୂର୍ତ୍ତି ପ୍ରତିଷ୍ଠା ପାଇଁ ଭୂମିପୂଜା

ପ୍ରୀତିପୁର,୩୦ା୬ (ସୁଶାନ୍ତ ବେହୁରିଆ)

## ଯାଜପୁର ସ୍ୱାଧୀନତା ଆନ୍ଦୋଳନର ଇତିହାସ କୋଠିଢ଼ିହ



ଭାରତମାତା ପ୍ରତିମୂର୍ତ୍ତି ପ୍ରତିଷ୍ଠା ପାଇଁ ଭୂମିପୂଜା କରାଯାଉଛି।

ବିଞ୍ଝାରପୁର ଓ ବରୀ ବ୍ଲକର ଶୀର୍ଷ ସୀମା ଅରିଲୋ ନିକଟବର୍ତ୍ତୀ କୋଠିଢ଼ିହ ଇଂରେଜଙ୍କ ସମୟରେ ନିର୍ମାଣ କରାଯାଇଥିଲା। ସେହି ଅବଲୁପ୍ତ କୋଠିଢ଼ିହକୁ ନେଇ ସ୍ୱାଧୀନତା ସଂଗ୍ରାମର ଇତିହାସ ରହିଛି। ୨୦୨୧ରେ ଅଖିଳଚକ୍ର ଉଦ୍ୟମରେ ସ୍ଥାନୀୟ ଲୋକଙ୍କୁ ନେଇ ଜାନୁୟାରୀ ୨୬ରେ ପ୍ରଥମ ଥର ଏଠାରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। କୋଠିଢ଼ିହଠାରେ ୧୯୨୦ରେ ଇଂରେଜ ସରକାର ତାଙ୍କ ସୈନ୍ୟଙ୍କ ପାଇଁ ଘୋଡ଼ାଶାଳ ସହିତ କୃଷିକର ଆଦାୟ ପାଇଁ ଘର ନିର୍ମାଣ କରିଥିଲେ। ସ୍ୱାଧୀନତା ଆନ୍ଦୋଳନ ଚାଲିଥିବାବେଳେ ଏଥିରେ ଅତିଷ୍ଠ ଜଣେ କୃଷକ ଘୋଡ଼ାଶାଳରେ ୧୯୩୦ରେ ନିଆଁ ଲଗାଇ ଦେଇଥିଲେ। ସ୍ୱାଧୀନତା ସଂଗ୍ରାମର ସେହି ଇତିହାସକୁ ମନେ ରଖିବା ଓ ଆଗାମୀ ପିଢ଼ିଙ୍କୁ ଜାତୀୟ ପ୍ରେମରେ ଅନୁପ୍ରାଣୀତ କରିବାକୁ ଅଖିଳଚକ୍ରର ସହଯୋଗିତାରେ ଶ୍ୟାମେଶ୍ୱର ପୀଠ ଉନ୍ନୟନ କମିଟି ଆନୁକୂଲ୍ୟରେ ସେଠାରେ ଭାରତମାତାଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା ପାଇଁ ବାହୁଡ଼ା ତିଥିରେ ଭୂମିପୂଜନ କରାଯାଇଛି।

ପୂର୍ବତନ ସରପଞ୍ଚ ଅଟଳ ବିହାରୀ ନାୟକଙ୍କ ସଭାପତିତ୍ୱରେ ଭୂମିପୂଜନ ଉତ୍ସବରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ସାମଲ ଯୋଗଦେଇ ସ୍ମାରକୀ ପ୍ରତିଷ୍ଠା ନିମନ୍ତେ ସହଯୋଗ ଯୋଗାଇ ଦେବାର ପ୍ରତିଶ୍ରୁତି ଦେଇଥିଲେ। ସମ୍ପାଦକ ହରେକୃଷ୍ଣ ପଣ୍ଡା କହିଥିଲେ, ଭାରତମାତା ପ୍ରତିମୂର୍ତ୍ତି ପ୍ରତିଷ୍ଠା ହେଲେ ଆଗାମୀ ଯୁବପିଢିଙ୍କ ମଧ୍ୟରେ ଦେଶାତ୍ମକଭାବ ଜାଗ୍ରତ ହୋଇପାରିବ। ସଭାପତି ଅଟଳ ବିହାରୀ ନାୟକ କହିଥିଲେ, ଏହା ଜାତୀୟ କାର୍ଯ୍ୟକ୍ରମ। ଏହାବ୍ୟତୀତ ଶ୍ୟାମେଶ୍ୱରପୀଠକୁ ଆହୁରି ଆକର୍ଷଣୀୟ କରାଯିବା ପାଇଁ ଅଖିଳଚକ୍ରର ଉଦ୍ୟମ ପ୍ରଶଂସନୀୟ। ସ୍ୱାଧୀନତା ସଂଗ୍ରାମରେ ଦେବିଲଠାରୁ ଆରମ୍ଭ କରି ମାନପୁର ପର୍ଯ୍ୟନ୍ତ ବହୁ ସଂଗ୍ରାମୀଙ୍କ ନାମ ଏଯାବତ୍ ଲୋକଲୋଚନକୁ ଆସି ପାରିନାହିଁ। ଏଥିପାଇଁ ଉଦ୍ୟମ ଆବଶ୍ୟକ ବୋଲି ମତପ୍ରକାଶ ପାଇଥିଲା। ଉତ୍ସବରେ ନରହରି ସାମଲ, ଗଣେଶ ଚନ୍ଦ୍ର ସାମଲ, ଆଶିଷ ସାମଲ, ରବୀନ୍ଦ୍ର ନାୟକ, ନାଲୁ ଜେନା, ଅକ୍ଷୟ ସାମଲ, ଦୁର୍ଗାଚରଣ ମହୀ, ପ୍ରତାପ ସାମଲ, କାମିନୀବାଳା ସାମଲ, ବାସୁଦେବ ଦାଶ ଓ ଭାସ୍କର ସାମଲ ପ୍ରମୁଖ ଅଂଶଗ୍ରହଣ କରି ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଅଖିଳଚକ୍ରର ସଭାପତି ରାଜ୍ୟବର୍ଦ୍ଧନ ଧଳମହାପାତ୍ର, ସଦସ୍ୟ ଗୋପୀନାଥ ଦାଶ ନିଜସ୍ୱ ମତାମତ ଦେବା ସହିତ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

# ଆଶା, ମୋନାଲିସା, ତଫିକ ଟପ୍ପର



ମହାବିଦ୍ୟାଳୟ ଅଧ୍ୟକ୍ଷ ଓ ଅନ୍ୟମାନେ ଯୁକ୍ତ ୩ ପରୀକ୍ଷା ଫଳ ପୁସ୍ତିକା ଦେଖାଉଛନ୍ତି।

## କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ୩ ଫଳ ପ୍ରକାଶିତ

କେନ୍ଦ୍ରାପଡ଼ା, ୩୦।୬ (ଜଗନ୍ନାଥ ଧଳ): କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ୩ ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି। ଏଥର ଛାତ୍ରଙ୍କ ଅପେକ୍ଷା ଛାତ୍ରୀମାନେ ଭଲ ନମ୍ବର ରଖିଛନ୍ତି। ବିଜ୍ଞାନ ବିଭାଗ ଜୁଲୋଜି ଅନର୍ସ ଛାତ୍ରୀ ଆଶା ଭୂୟାଁ ସର୍ବୋଚ୍ଚ କମୁଲେଟିଭ ଗ୍ରେଡ ପଏଣ୍ଟ ଆଭେରେଜ (ସିଜିପିଏ) ୯.୮୬ ରଖି କଲେଜ ଟପ୍ପର ହୋଇଛନ୍ତି। ସେହିପରି କଳା ବିଭାଗ ହିନ୍ଦୀ ଅନର୍ସ ଛାତ୍ରୀ ମୋନାଲିସା ଜେନା ସିଜିପିଏ ୯.୭୦ ଓ ବାଣିଜ୍ୟ ବିଭାଗ ଛାତ୍ର ତଫିକ ଖାନ୍ ସିଜିପିଏ ୯.୨୪ ରଖି ବିଭାଗୀୟ ଟପ୍ପର ହୋଇଛନ୍ତି। ପୂର୍ବାହ୍ନରେ ଅଧ୍ୟକ୍ଷ ଗୋପାଳ ଚନ୍ଦ୍ର ବେହେରା, କମ୍ପଟ୍ରୋଲର ଅଶୋକ କୁମାର ଦାସ, ଡ. ପ୍ରଭାକର ମଲ୍ଲିକ, ରମାକାନ୍ତ ମହାନ୍ତି, ପ୍ରାଧ୍ୟାପକ ରଣଜିତ ଦାସ, ଡ. ଜ୍ଞାନୀନ୍ଦ୍ର ଦାସ, ଅଶୋକ କୁମାର ଦାଶ, ଗୌରପ୍ରସାଦ ଷଡଙ୍ଗୀ ପ୍ରମୁଖ ପରୀକ୍ଷା ଫଳ ପୁସ୍ତକ ଉନ୍ମୋଚନ କରିଥିଲେ। ଏହି ଅବସରରେ ଅଧ୍ୟକ୍ଷ ବେହେରା କହିଥିଲେ ଯେ, ଚଳିତବର୍ଷଠାରୁ ସରକାରଙ୍କ ନିୟମ ଅନୁଯାୟୀ ସିଜିପିଏ ଆଧାରରେ ଫଳ ପ୍ରକାଶିତ ହୋଇଛି।

## ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କ ତାଲିକା

ବଟାନିରେ କ୍ରାନ୍ତିବିଜୟିନୀ ପଟ୍ଟନାୟକ ୯.୪୯, କେମେଷ୍ଟ୍ରିରେ ସ୍ୱର୍ଣ୍ଣମଣି ସାହୁ ୯.୭୯, କମର୍ସରେ ତଫିକ ଖାନ୍ ୯.୨୪, କମ୍ପ୍ୟୁଟର ସାଇନ୍ସରେ ପ୍ରବୀଣ ସାହୁ ୯.୫, ଇକୋନୋମିକ୍ସରେ ପ୍ରହଲ୍ଲାଦ ଜେନା ୮.୯୬, ଏଡୁକେଶନରେ ପ୍ରମୋଦିନୀ ମହାନ୍ତି ୯.୨୭, ଇଂଲିଶରେ ତାରିଣୀ ଜ୍ୟୋତିର୍ମୟୀ ୯.୦୮, ଜିଓଗ୍ରାଫିରେ ଜୟଶ୍ରୀ ବେହେରା ୮.୮୪, ହିନ୍ଦୀରେ ମୋନାଲିସା ଜେନା ୯.୭, ଇତିହାସରେ ସୌମ୍ୟରଞ୍ଜନ ସାହୁ ୮.୯୭, ଇଣ୍ଡଷ୍ଟ୍ରିଆଲ ସୋସିଓଲୋଜିରେ ଇତିଶ୍ରୀ ଦାସ ୮.୩, ଗଣିତରେ ଚିନ୍ମୟ ସ୍ୱାଇଁ ୯.୫୩, ଗଣିତରେ ଧନେଶ୍ୱର ବେହେରା ୭.୫୫, ଓଡ଼ିଆରେ ସ୍ୱପ୍ନାରାଣୀ ଜୁଳି ୮.୮୪, ଫିଲୋସୋଫିରେ ଶୁଭଶ୍ରୀ ଦାସ ୮.୫୧, ଫିଜିକ୍ସରେ ବରଜ କୁମାର ଦାସ ୯.୬୪, ରାଜନୀତି ବିଜ୍ଞାନରେ ଶ୍ରାବଣୀ ବାରିକ ୯.୦୭, ସାଇକୋଲୋଜିରେ ପ୍ରତିଭା ସାହୁ ୯.୨୨, ସଂସ୍କୃତରେ ତନ୍ମୟୀ ସେଠୀ ୮.୭୬, ସୋସିଓଲୋଜିରେ ବର୍ଷାରାଣୀ ବିଶ୍ୱାଳ ୮.୮୫, ଷ୍ଟାଟିଷ୍ଟିକ୍ସରେ ସୁରଭି ପ୍ରିୟଦର୍ଶିନୀ ୯.୫୫, ଷ୍ଟାଟିଷ୍ଟିକ୍ସରେ ସୁମିତ୍ରା ସାହୁ ୭.୪୬, ଜୁଲୋଜିରେ ଆଶା ଭୂୟାଁ ୯.୮୬, ଜିଓଲୋଜିରେ ଜ୍ୟୋତିର୍ମୟୀ ଜେନା ୯.୦୮।

## ଟପ୍ପରଙ୍କ ମୁହଁରୁ...

### ପ୍ରଶାସନିକ ଅଧିକାରୀ ହେବାକୁ ଲକ୍ଷ୍ୟ



ବାପା ଶତ୍ରୁଘ୍ନ ଚାଷ କରନ୍ତି। ପରୀକ୍ଷା ଫଳକୁ ନେଇ ଖୁସି ଅଛି। ଅର୍ଥାଭାବ ସତ୍ତ୍ୱେ ପ୍ରଶାସନିକ ଅଧିକାରୀ ଭାବେ ନିଜକୁ ଦେଖିବାକୁ ଚାହୁଁଛି। ଗ୍ରାମାଞ୍ଚଳର ଉନ୍ନତି ଦ୍ୱାରା ଏକ ସୁସ୍ଥ ସମାଜ ଗଠନ ହୋଇପାରିବ। ଏହି ଲକ୍ଷ୍ୟରେ ଅଧ୍ୟବସାୟ ଜାରି ରହିଛି।

- ଆଶା ଭୂୟାଁ, ବିଜ୍ଞାନ ବିଭାଗ ଓ ମହାବିଦ୍ୟାଳୟ ଟପ୍ପର

### ଶିକ୍ଷକତା କରିବାକୁ ପ୍ରାଥମିକତା ଦେବି



ବାପା ସୁବାସ ଚାଷ କରନ୍ତି। ପିଜି କରିବା ପାଇଁ ପ୍ରସ୍ତୁତିରେ ଅଛି। ଶିକ୍ଷକତା କରିବା ପ୍ରାଥମିକ ଲକ୍ଷ୍ୟ ରହିଛି । ଶିକ୍ଷା ମାଧ୍ୟମରେ ନାରୀ ଶକ୍ତିର ନିଶ୍ଚିତ ଜାଗରଣ ହେବ ବୋଲି ସର୍ବଦା ଭାବେ ।

- ମୋନାଲିସା ଜେନା, କଳା ବିଭାଗ ଟପ୍ପର

### ଓପିଏସ୍‌ସି ପାଇଁ ପ୍ରସ୍ତୁତ ଚଳାଇଛି



ବାପା ରଫିକ ବାଣ ତିଆରି କାର୍ଯ୍ୟରେ ଅଛନ୍ତି। କେନ୍ଦ୍ରାପଡ଼ା ବ୍ଲକ ଗରାପୁରରେ ଘର। ପରିବାରର ସ୍ୱଳ୍ପ ଆୟ ଯୋଗୁ ଆଗକୁ ପଢ଼ିବା ସମ୍ଭବ ନୁହେଁ। ଏବେ ଓପିଏସ୍‌ସି ପାଇଁ ପ୍ରସ୍ତୁତ ହେଉଛି । ପ୍ରଶାସନିକ ଅଧିକାରୀ ହେବାକୁ ଲକ୍ଷ୍ୟ ରଖିଛି।

- ତଫିକ ଖାନ୍, ବାଣିଜ୍ୟ ବିଭାଗ ଟପ୍ପର

### ଦୃଢ଼ ମନୋବଳ ଏଠାରେ ପହଞ୍ଚାଇଛି



ଭିନ୍ନକ୍ଷମତା ଶିକ୍ଷା ଗ୍ରହଣରେ ବାଧକ ନୁହେଁ। ଶିକ୍ଷାର୍ଥୀ ଜୀବନରେ ବହୁ ଝଡ଼କୁ ସମ୍ମୁଖୀନ ହୋଇଛି। ଦୃଢ଼ ମନୋବଳ ଶକ୍ତି ଏହି ସ୍ଥାନରେ ପହଞ୍ଚାଇଛି। ପ୍ରଶାସନିକ ଅଧିକାରୀ ଭାବେ ତୃଣମୂଳସ୍ତରରେ କାର୍ଯ୍ୟ କରିବା ଲକ୍ଷ୍ୟ ରଖିଛି।

- ବରଜ କୁମାର ଦାସ, ଫିଜିକ୍ସ ଟପ୍ପର

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ଓମ୍‌ପ୍ରକାଶ



@ ତରୁଣ



@ ସୋନୁ



@ ପ୍ରମୋଦ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଭାଜପା ପକ୍ଷରୁ କର୍ମୀ ସମାବେଶ

ଆଳି,୩୦।୬ (ବନମାଳୀ ସେନାପତି)

ଆଳି ବ୍ଲକ ଅନ୍ତର୍ଗତ ସିଙ୍ଗିରି ପଞ୍ଚାୟତର ସିଙ୍ଗିରି ବଜାର କଲ୍ୟାଣ ମଣ୍ଡପଠାରେ ଶୁକ୍ରବାର ମୋଦି ସରକାରଙ୍କ ଗରିବ କଲ୍ୟାଣ ଯୋଜନା ସଫଳ ରୂପାୟନର ୯ମ ବର୍ଷ ପୂର୍ତ୍ତି ଅବସରରେ ଏକ କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ମୋଦି ସରକାର କ୍ଷମତାକୁ ଆସିବା ପରେ ବିଭିନ୍ନ ପ୍ରକାର ଜନହିତକର କାର୍ଯ୍ୟକରି ଲୋକମାନଙ୍କର ଆସ୍ଥାଭାଜନ ହୋଇପାରିଛି। ସରକାରଙ୍କ କାର୍ଯ୍ୟକ୍ରମ ବିଷୟରେ ଲୋକମାନଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଏବେ ଛାମୁଆଁ କର୍ମୀମାନେ ଘରକୁ ଘର ବୁଲି ଲୋକମାନଙ୍କୁ ଭେଟୁଛନ୍ତି। ଓଡ଼ିଶାର ନବୀନ ସରକାରଙ୍କ ଦୁର୍ନୀତିରେ ଲୋକମାନେ ଅତିଷ୍ଠ ହୋଇପଡ଼ିଲେଣି। ତେଣୁ ଜନସାଧାରଣ ୨୦୨୪ ନିର୍ବାଚନରେ ଠିକ୍ ଲୋକଙ୍କୁ ନିର୍ବାଚିତ କରି ନବୀନ ସରକାରଙ୍କୁ ଜବାବ୍ ଦେବେ ଓ ଆଳି ନିର୍ବାଚନମଣ୍ଡଳୀରେ ଏହା ପ୍ରତିଧ୍ୱନିତ ହେଲାଣି ବୋଲି ସମାବେଶରେ ନେତୃମଣ୍ଡଳୀ ଆହ୍ୱାନ ଦେଇଛନ୍ତି। ଆଳି ନିର୍ବାଚନମଣ୍ଡଳୀର ସଂଯୋଜକ ରଶ୍ମିରଞ୍ଜନ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାଜପା ଜିଲା ସଭାପତି କିଶୋର ପଣ୍ଡା, ଉପସଭାପତି କୃଷ୍ଣଚନ୍ଦ୍ର ପଣ୍ଡା, ନିର୍ବାଚନମଣ୍ଡଳୀ ପ୍ରଭାରୀ ଅଭିମନ୍ୟୁ ଗୋଛାୟତ, ଭାଜପା ନେତା ଦୋଳଗୋବିନ୍ଦ ନାୟକ, ବ୍ରଜସୁନ୍ଦର ଭୂୟାଁ, ସାଧାରଣ ସମ୍ପାଦକ ଶଶାଙ୍କ ଶେଖର ସେଠୀ, ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରିୟଦର୍ଶିନୀ ନନ୍ଦ, ସିଙ୍ଗିରି ସରପଞ୍ଚ ଅକ୍ଷୟ ଦାସ, ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଂଯୋଜକ ବିକ୍ରମ ରାଉତରାୟ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ୨ ନମ୍ବର ଜୋନ୍ ମଣ୍ଡଳ ସଭାପତି ରାଜେନ୍ଦ୍ର ସାମଲ, ୪ନଂ. ଜୋନ୍‌ର ବାଦଲ ନନ୍ଦ, ୨୭ ନଂ. ଜୋନ୍ ମଣ୍ଡଳ ସଭାପତି ଅନୁରାଧା ସାମଲ, ୨୮ନଂ. ଜୋନ୍ ମଣ୍ଡଳ ସଭାପତି ରାଜେନ୍ଦ୍ର ବେହେରାଙ୍କ ସମେତ ଆଶାଲତା ପଟ୍ଟନାୟକ, ବେଣୁଧର ପରିଡା, ରଞ୍ଜନ ରାଉତ, ପ୍ରଭାସିନୀ ପାତ୍ର, ରଶ୍ମିରେଖା ସାହୁ, ସଂଗୀତା ବିଶ୍ୱାଳ ପ୍ରମୁଖଙ୍କ ସହ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

## ବ୍ରହ୍ମ ତାଳଧ୍ୱଜ ରଥ ଉପରେ ଶ୍ରୀଜୀଉଙ୍କ ରଘୁନାଥ ବେଶ



କେନ୍ଦ୍ରାପଡ଼ା, ୩୦।୬ (ଜଗନ୍ନାଥ ଧଳ)

ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବଜୀଉଙ୍କ ରଥଯାତ୍ରା ଶୁକ୍ରବାର ଶେଷ ହୋଇଛି। ଶ୍ରୀଜୀଉଙ୍କ ଚତୁର୍ଦ୍ଧା ମୂର୍ତ୍ତି ଇଚ୍ଛାପୁରସ୍ଥ ମନ୍ଦିରକୁ ବିଜେ କରିଛନ୍ତି। ଏହା ପୂର୍ବରୁ ଶ୍ରୀଜୀଉଙ୍କ ରଘୁନାଥ ବେଶ ରଥ ଉପରେ ସମ୍ପନ୍ନ ହୋଇଛି। ପ୍ରଜ୍ଞାନ ମିଶନ ପକ୍ଷରୁ ପ୍ରଦାନ କରାଯାଇଥିବା ରୁପା ଅଳଙ୍କାରକୁ ଏହି ବେଶରେ ଲାଗି ହୋଇଛି। ଏହି ବେଶ ଓ ମନ୍ଦିର ବିଜେ ଉପଲକ୍ଷେ ପାରମ୍ପରିକ ଭାବେ ପ୍ରତ୍ୟୁଷରେ ଶ୍ରୀଜୀଉଙ୍କ ମଙ୍ଗଳ ଆଳତି ଓ ନୀତିସ୍ନାନ ହୋଇଥିଲା। ପୂର୍ବାହ୍ନ ୧୧ଟାରୁ ଶ୍ରୀଜୀଉଙ୍କ ରଘୁନାଥ ବେଶ ଆରମ୍ଭ ହୋଇ ଅପରାହ୍ନ ପ୍ରାୟ ୧ଟାରେ ଶେଷ ହୋଇଥିଲା। ରଥାରୂଢ଼ ଶ୍ରୀଜଗନ୍ନାଥ ଶ୍ରୀରାମ ବେଶ ହୋଇଥିବା ବେଳେ ବଡ଼ଭାଇ ଶ୍ରୀବଳଦେବଜୀଉଙ୍କୁ ଲକ୍ଷ୍ମଣ ବେଶରେ ସଜ୍ଜିତ କରାଯାଇଥିଲା। ଏହି ବେଶରେ ଶ୍ରୀଜୀଉଙ୍କ ଉଭୟପାର୍ଶ୍ୱରେ ହନୁମାନ, ଅଙ୍ଗଦ, ନଳ, ନୀଳ, ସୁଶେଣ, ଜାମ୍ବବାନ ଆଦି ମୂର୍ତ୍ତି ଶୋଭା ପାଉଥିଲେ। ଶ୍ରୀଜୀଉଙ୍କ ଶ୍ରୀଚରଣ ଓ ଶ୍ରୀଭୁଜ ଲାଗି କରାଯାଇ ପଦ୍ମଫୁଲ ଆସନରେ ଉପବେସନ କରାଯାଇଥିଲା। ଶ୍ରୀବଳଦେବଜୀଉ ଓ ଶ୍ରୀଜଗନ୍ନାଥ ବାମ ହସ୍ତରେ ଧନୁ ଧରିଥିବା ବେଳେ ଦକ୍ଷିଣ ହସ୍ତରେ ଧନୁ ତୀର ଧରିଥିଲେ। ଅପରାହ୍ନରେ ବ୍ରହ୍ମ ତାଳଧ୍ୱଜ ରଥରୁ ଘୋଡ଼ା ଅପସାରଣ କରାଯାଇ ଚାରମାଳ ବନ୍ଧା ଯାଇଥିଲା। ସନ୍ଧ୍ୟାରେ ଶ୍ରୀଜୀଉଙ୍କ ଶ୍ରୀରଘୁନାଥ ବେଶ ଉଲାଗି ପରେ ଅଧରପଣା ନୀତି ଅନୁଷ୍ଠିତ ହୋଇଥିଲା। ଏହି ପଣା ନୈବେଦ୍ୟ ପରେ ମାଟିପାତ୍ରକୁ ଭଙ୍ଗା ଯାଇଥିଲା। ପରେ ଶ୍ରୀଜୀଉଙ୍କୁ କାଠି ମୁକୁଟ ଲାଗି ହୋଇଥିଲା। ଚାରମାଳ ଉପରେ କାଠି ମୁକୁଟ ବଦଳାଇ ଟାହିଆ ଲାଗି କରାଯାଇଥିଲା। ଏହି ଅବସରରେ ମନ୍ଦିର ଚତୁଃପାର୍ଶ୍ୱରେ ବିଭିନ୍ନ ଆତସବାଜି ପ୍ରଦର୍ଶନ ସହ ସଂକୀର୍ତ୍ତନ, ଘଣ୍ଟୁଆ ନାଚ, ଗୋଟିପୁଅ ନାଚ, ଓଡ଼ିଶୀ, ବନାଟି ଖେଳ ଆଦି ପ୍ରଦର୍ଶିତ ହୋଇଥିଲା। ମନ୍ଦିରକୁ ବିଭିନ୍ନ ଫୁଲ ଓ ଆଲୋକମାଳାରେ ସଜ୍ଜିତ କରାଯାଇଥିଲା। ଶ୍ରୀଜୀଉମାନେ ବାଟଦେଉଳ ଦେଇ ମନ୍ଦିର ପରିସରକୁ ପହଣ୍ଡି ବିଜେ କରିଥିଲେ। ପରେ ଦେବୋତ୍ତର ବିଭାଗ ପକ୍ଷରୁ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ପଂକ୍ତି ଭୋଗ ଅର୍ପଣ କରାଯାଇଥିଲା। ଜଗମୋହନ ଗୁମୁଟ ଦେଇ ବଡ଼ଭାଇ ଶ୍ରୀବଳଦେବଜୀଉ ଓ ଭଉଣୀ ସୁଭଦ୍ରା ମନ୍ଦିର ପ୍ରବେଶ ପରେ ମା' ଲକ୍ଷ୍ମୀ ଶ୍ରୀଜଗନ୍ନାଥଙ୍କ ପାଇଁ ଦ୍ୱାର ବନ୍ଦ କରିଥିଲେ। ଉଭୟପକ୍ଷର ସେବାୟତମାନେ ବଚନିକା ପ୍ରୟୋଗ ପରେ ଶ୍ରୀଜଗନ୍ନାଥଙ୍କ ପକ୍ଷରୁ ମା' ଲକ୍ଷ୍ମୀଙ୍କ ଉଦ୍ଦେଶ୍ୟରେ ସ୍ୱର୍ଣ୍ଣ ଅଳଙ୍କାର ଓ ପାଟବସ୍ତ୍ର ପ୍ରଦାନ ପରେ ଗୁମୁଟ ଦ୍ୱାର ଖୋଲାଯାଇଥିଲା। ଏହି ଆଧ୍ୟାତ୍ମ୍ୟ ଦୃଶ୍ୟ ଦେଖିବା ପାଇଁ ସକାଳରୁ ବିଳମ୍ବିତ ରାତି ଯାଏ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା।

## ନାବାଳିକା ବଳାତ୍କାର ମାମଲା: ଶିବପ୍ରସାଦଙ୍କୁ ୨୦ ବର୍ଷ ଜେଲ

ଜଗତ୍‌ସିଂହପୁର, ୩୦।୬ (ପ୍ରମୋଦ କୁମାର ନାୟକ)

ରଘୁନାଥପୁର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ୨୦୧୯ରେ ବଳାତ୍କାର ହୋଇଥିବା ଅଭିଯୋଗ ହୋଇଥିଲା। ଏହି ମାମଲାର ରାୟ ଶୁକ୍ରବାର ପ୍ରକାଶ ପାଇଛି। ଜଗତ୍‌ସିଂହପୁର ସ୍ୱତନ୍ତ୍ର ପକ୍‌ସୋ କୋର୍ଟ ବିଚାରପତି ଅଜୟ କୁମାର ମହାନ୍ତି ଏହାର ବିଚାର କରି ଅଭିଯୁକ୍ତ ଏହି ଥାନା ଚିକିଣିଆ ଗ୍ରାମର ଶିବପ୍ରସାଦ ସେଠୀଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ତାଙ୍କୁ ୨୦ ବର୍ଷ ଜେଲ ଦଣ୍ଡାଦେଶ ଦେବାସହ ୪୫ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ରାଶି ଅନାଦାୟ ହେଲେ ଅଧିକ ୯ ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି। ଅନ୍ୟପଟେ ପୀଡ଼ିତାଙ୍କୁ ୪ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଜିଲା ଆଇନସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦିଆଯାଇଛି । ଏ ସମ୍ପର୍କରେ ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରିଥିବା ଓକିଲ ଦୋଳଗୋବିନ୍ଦ ଦାସ କହିଛନ୍ତି, ନାବାଳିକା ଧାନକୁଦ ବୁଲିବାକୁ ଯାଇଥିବା ବେଳେ ତାଙ୍କୁ ଅପହରଣ କରାଯାଇଥିଲା। ଅଭିଯୁକ୍ତ ଶିବପ୍ରସାଦ ନାବାଳିକାଙ୍କୁ ଢେଙ୍କାନାଳ ନେଇ ସେଠାରେ ବଳାତ୍କାର କରିଥିଲେ। ଏ ସମ୍ପର୍କରେ ନାବାଳିକାଙ୍କ ବାପା ରଘୁନାଥପୁର ଥାନାରେ ୫।୧୨।୧୯ରେ ଅଭିଯୋଗ କରିଥିଲେ। ଏହାପରେ ପୋଲିସ ଏକ ମାମଲା (ନଂ.୧୦୯/୧୯) ରୁଜୁ କରିଥିଲା। ଏହି ମାମଲାରେ ୨୦ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି।

## ଜାମୁକୋଳି ଦେବାକୁ କହି ନାବାଳିକାଙ୍କୁ ବଳାତ୍କାର

ଆଳି,୩୦।୬( ବନମାଳୀ ସେନାପତି)

କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଜାମୁକୋଳି ଖାଇବାକୁ ଦେବାକୁ କହି ତାକୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ସୂଚନା ମୁତାବକ ୮ ବର୍ଷର ନାବାଳିକା ଏରଡ଼ଙ୍ଗସ୍ଥିତ ନିଜ ମାମୁ ଘରକୁ ଆସିଥିଲେ। ଗୁରୁବାର ଦିଲୀପ ସେଠୀ ନାମକ ଜଣେ ଯୁବକ ଉକ୍ତ ନାବାଳିକାଙ୍କୁ ଅପରାହ୍ନ ୨ ଟାରେ ଏକୁଟିଆ ପାଇ ତାକୁ ଜାମୁକୋଳି ଦେବା ବାହାନାରେ ଡ଼ାକି ନେଇଥିଲେ। ଏକ ନିଛାଟିଆ ସ୍ଥାନରେ ପଳାତ୍କାର କରିଥିଲେ ନାବାଳିକା ଜଣକ ଯୁବକ କବଳରୁ ମୁକୁଳିବାକୁ ଚେଷ୍ଟା କରିଥିଲେ ମଧ୍ୟ ମୁକୁଳି ପାରି ନ ଥିଲେ। ବଳାତ୍କାରର ଶିକାର ହୋଇ ନାବାଳିକା ଜଣକ ବେହୋସ ହୋଇ ପଡ଼ିଥିଲେ। ମାମୁଁ ଘର ଲୋକ ତାକୁ ଖୋଜି ଖୋଜି ପାଇଥିଲେ। ଅସୁସ୍ଥ ହୋଇ ପଡ଼ିଥିବା ନାବାଳିକା ହୋସ ଆସିବା ପରେ ଘଟଣା ସମ୍ପର୍କରେ ପରିବାର ଲୋକଙ୍କ ଜଣାଇଥିଲେ। ପରିବାର ଲୋକ ଏ ନେଇ ସମ୍ପୃକ୍ତ ଯୁବକଙ୍କ ନାମରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଯୁବକଙ୍କୁ ଆଳି ଥାନାରେ ଅଟକ ରଖି ପଚରାଉଚରା କରୁଛି।

## ଭାଜପାର ଜନସମ୍ପର୍କ ଯାତ୍ରା

ତିର୍ତ୍ତୋଲ, ୩୦।୬ (ଗୌରାଙ୍ଗ ଚରଣ ସ୍ୱାଇଁ)

ତିର୍ତ୍ତୋଲ ବ୍ଲକ ପାରାଦୀପ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବୋଧେଇ ପଞ୍ଚାୟତରେ ଶୁକ୍ରବାର ଅପରାହ୍ନରେ କେନ୍ଦ୍ରରେ ମୋଦି ସରକାରଙ୍କ ୯ ବର୍ଷ ପୂର୍ତ୍ତି ଉପଲକ୍ଷେ ଜନସମ୍ପର୍କ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାରାଦୀପ ନିର୍ବାଚନମଣ୍ଡଳୀର ନେତା ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସମ୍ପଦ କୁମାର ସ୍ୱାଇଁ ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲ। ଏହି ଅବସରରେ ଦଳୀୟ କର୍ମୀ ଓ ପଦାଧିକାରୀଙ୍କ ସହ ବିଭିନ୍ନ ଗ୍ରାମରେ ଘର ଘର ବୁଲି ପ୍ରଚାର ପତ୍ର ବାଣ୍ଟିବା ସହ ଦଳୀୟ କାର୍ଯ୍ୟକ୍ରମ ସମ୍ପର୍କରେ ଲୋକମାନଙ୍କୁ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତର ସମିତିସଭ୍ୟ ଶିବ ପ୍ରସାଦ ସାହୁ, ପଞ୍ଚାୟତ ପ୍ରମୁଖ ତପନ କୁମାର ସାମନ୍ତରାୟ, ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତା ଦିନେଶ ରଣା, ରାଜୀବ ମହାନ୍ତି, ପପୁ ବିଶ୍ୱାଳ, ଗୋପାଳ ମାହାଳି, ପ୍ରଦୀପ ଖୁଣ୍ଟିଆ, ପୁଷ୍ପାଞ୍ଜଳି ମହାନ୍ତିଙ୍କ ସମେତ ବହୁ ଦଳୀୟ କର୍ମୀ ସାମିଲ ଥିଲେ।

## ଅଲିଭ ରିଡ୍‌ଲେ କଇଁଛ ଆମ ଅତିଥି

ମହାକାଳପଡ଼ା, ୩୦।୬ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

- ସେମାନଙ୍କ ଯାତ୍ରାକୁ ସୁରକ୍ଷା ଦେବା ଆମର କର୍ତ୍ତବ୍ୟ
- ଗହୀର ମଥା କଇଁଛ ସମିତି ପକ୍ଷରୁ ସଚେତନ କାର୍ଯ୍ୟକ୍ରମ



ମା' ରାମଚଣ୍ଡୀ ପୀଠରେ କଇଁଛ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳର ବାଲୁକା ଶଯ୍ୟାକୁ ସୁରକ୍ଷିତମଣି ବିରଳ ପ୍ରଜାତିର ଅଲିଭ ରିଡ଼ଲେ କଇଁଛମାନେ ସୁଦୂର ପ୍ରଶାନ୍ତ ମହାସାଗରରୁ ଉପକୂଳ ଅଞ୍ଚଳକୁ ଅଣ୍ଡାଦାନ ପାଇଁ ଆଗମନ କରିଥାନ୍ତି ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ବାଲୁକାଶଯ୍ୟାକୁ ସୁରକ୍ଷିତମଣି ଅଲିଭ ରିଡ଼ଲେ କଇଁଛମାନେ ଅଣ୍ଡାଦାନ କରି ନିଜ ବାସସ୍ଥାନକୁ ଫେରିଥାନ୍ତି। ଏହି ସମୟରେ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳରେ ଟ୍ରଲର ଓ ବୋଟ୍‌ଗୁଡ଼ିକରେ ଗାଞ୍ଜ ଜାଲ ବ୍ୟବହାର ଯୋଗୁ ଅକାଳରେ କଇଁଛମାନେ ନିଃଶ୍ୱାସ ପ୍ରଶ୍ୱାସ ନ ନେଇପାରି ମରି ଯାଇଥାନ୍ତି। ତେବେ ଏମାନଙ୍କ ସୁରକ୍ଷା ଓ ସଂରକ୍ଷଣ ପାଇଁ ମହାକାଳପଡ଼ା ଗହୀରମଥା କଇଁଛ ସୁରକ୍ଷା ସମିତି ପକ୍ଷରୁ ଆୟୋଜିତ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପସ୍ଥିତ ଅତିଥିମାନେ କହିଥିଲେ, କଇଁଛ ଆମ ଅତିଥି, ସେମାନଙ୍କ ସୁରକ୍ଷା ଦେବା ଆମର କର୍ତ୍ତବ୍ୟ ଓ ସେମାନଙ୍କ ଯାତ୍ରାକୁ ସଫଳ କରିବା ଦାୟିତ୍ୱ ବୋଲି କହୁଥିଲେ। ଏହି ସଚେତନ କାର୍ଯ୍ୟକ୍ରମ ବ୍ଲକ ଅଧୀନ ସ୍ଥାନୀୟ ରାମନଗରସ୍ଥିତ ମା' ରାମଚଣ୍ଡୀ ମନ୍ଦିର ବିଜେସ୍ଥଳଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ରାଜନଗର ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବ ଯୋଗଦେଇ କହିଥିଲେ, ଅଲିଭ ରିଡ଼ଲେ କଇଁଛମାନଙ୍କ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିବା ବେଳେ ସ୍ଥାନୀୟ ଲୋକଙ୍କ ସହଯୋଗର ଆବଶ୍ୟକତା ରହିଛି ବୋଲି ସୂଚନା ଦେଇଥିଲେ। ତେବେ ସାମୁଦ୍ରିକ ଅଭୟାରଣ୍ୟ କଟକଣା ଅଞ୍ଚଳରେ ପାଟ୍ରୋଲିଂ ସମୟରେ ବିଭିନ୍ନ ପ୍ରକାର ସମସ୍ୟା ଉପୁଜିଥାଏ। ଏ ନେଇ ବିଭାଗୀୟ ଅଧିକାରୀମାନେ ସମସ୍ୟାଗୁଡ଼ିକୁ ସାମ୍ନା କରିବାକୁ ପଡ଼େ ବୋଲି ମତବ୍ୟକ୍ତ କରିଛନ୍ତି। ଏହି ସଚେତନତା କାର୍ଯ୍ୟକ୍ରମ ସମିତି ସଭାପତି ସତ୍ୟ ପ୍ରକାଶ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଉପସ୍ଥିତ ଅତିଥିମାନଙ୍କ ମଧ୍ୟରେ କବି ହେମନ୍ତ କୁମାର ରାଉତ, ସାହିତ୍ୟିକ ମନ୍ମଥ ବରାଳ, ୨୦୧୬ ମସିହାରେ ରାଜ୍ୟସ୍ତରୀୟ ଶିକ୍ଷକ ଭାବେ ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଆଳି ପତ୍ରପୁରସ୍ଥିତ ସାମନ୍ତସିଂହାର କେଳୁ ଚରଣ ଉଚ୍ଚ ବିଦ୍ୟାଳୟ ବରିଷ୍ଠ ପ୍ରଧାନ ଶିକ୍ଷୟିତ୍ରୀ ଆରାଧନା ଦାଶ, ବ୍ଲକ ଉପାଧ୍ୟକ୍ଷ ବିଜୟ କୁମାର ଶୁକ୍ଳା, ଶ୍ରୀଧର ଭୋଳ, ଅଶୋକ କୁମାର ସ୍ୱାଇଁ, ରମା ରଞ୍ଜନ ମଲିକ ପ୍ରମୁଖ କଇଁଛ ସୁରକ୍ଷା ସଂରକ୍ଷଣ ଓ ପରିବେଶ ସନ୍ତୁଳନ ରକ୍ଷା ଉପରେ ମତବ୍ୟକ୍ତ କରିଥିଲେ। ସମିତି ପକ୍ଷରୁ ବିଭିନ୍ନ ବର୍ଗର ଉଲ୍ଲେଖନୀୟ କାର୍ଯ୍ୟ କ୍ଷେତ୍ରରେ ୧୦ ଜଣକୁ ମାନପତ୍ର ଓ ପୁସ୍ତକ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସଚେତନ କାର୍ଯ୍ୟକ୍ରମରେ ଶିକ୍ଷାବିତ୍, ସାମାଜିକ କର୍ମୀ, ବୁଦ୍ଧିଜୀବୀ, ସାହିତ୍ୟିକ, ପରିବେଶବିତ୍ ପ୍ରମୁଖ ଯୋଗ ଦେଇଥିଲେ।

## ନଦୀକୁ ବାଇକ୍ ଗଡ଼ିଗଲା: ଯୁବକଙ୍କ ଆତ୍ମହତ୍ୟା

ରାଜନଗର, ୩୦।୬(ଭାସ୍କର ରାଉତରାୟ)

ରାଜନଗର ଥାନା ଅନ୍ତର୍ଗତ ହାତିନା ଗାଁର ବିଦ୍ୟାଧର ରାଉତଙ୍କ ପରିବାର ଲୋକେ ମା' ଥାନପତିଙ୍କ ପୀଠରେ ପୂଜାର୍ଚ୍ଚନା ପାଇଁ ଶୁକ୍ରବାର ଯାଇଥିଲେ। ମା'ଙ୍କ ପୀଠରେ ପୂଜାର୍ଚ୍ଚନା ଓ ରନ୍ଧାଖାଦ୍ୟ ଭୋଗକରି ଖାଇସାରି ଫେରୁଥିଲେ। ପରିବାର ଲୋକେ ଅଟୋ ଓ ବାଇକ୍‌ରେ ଆସୁଥିବା ବେଳେ ବିଦ୍ୟାଧରଙ୍କ ସାନପୁଅ ସଞ୍ଜୁ(୨୬) ଅନ୍ୟ ଏକ ବାଇକ୍‌ରେ ଘରକୁ ଫେରୁଥିଲେ। ରାଜନଗର–ଡାଙ୍ଗମାଳ ରାସ୍ତାର ଜୁଣଗଡ଼ି ନିକଟରେ କୌଣସି କାରଣରୁ ସଞ୍ଜୁଙ୍କ ବାଇକ୍ ରାସ୍ତାର ବାମପଟେ ଥିବା ପାଟଶାଳା ନଦୀ ମଧ୍ୟକୁ ଚାଲିଯାଇଥିଲା। ବାଇକ୍ ନଦୀକୁ ଚାଲିଯିବା ପରେ ସଞ୍ଜୁ ଓଦା ଅବସ୍ଥାରେ ଉଠି ଆସିଥିଲେ। ପରେ ପରିବାର ଲୋକେ ସେଠାରେ ପହଞ୍ଚି ସଞ୍ଜୁଙ୍କୁ ଗାଳି କରିଥିଲେ। ପାଟଶାଳା ନଦୀରେ କୁମ୍ଭୀର ସାଲୁବାଲୁ ହେଉଥିବାରୁ ବାଇକ୍ ଉଦ୍ଧାର କରିବା ବିଳମ୍ବ ହୋଇଥିଲା। ପରିବାର ଲୋକେ ବାଇକ୍ ନଦୀରୁ ଉଠାଇବାରେ ବ୍ୟସ୍ତ ଥିବାବେଳେ ସଞ୍ଜୁ ସେଠାରୁ ଚାଲିଯାଇ ସେହି ଗାଁର ଜଣଙ୍କ ଘର ପଛପଟ କରଞ୍ଜ ଗଛରେ ଦଉଡ଼ି ଦେଇ ଦେଇଥିଲେ। ପରିବାର ଲୋକେ ଖୋଜାଖୋଜି କରି ଶେଷରେ ଉଦ୍ଧାର କରିଥିଲେ। ସଞ୍ଜୁଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସଞ୍ଜୁ ହାଇଦ୍ରାବାଦରେ କାମ କରୁଥିଲେ। ଘର ପ୍ରତିଷ୍ଠା ଓ ନିଜ ବାହାଘର ପାଇଁ ସେ ଗାଁକୁ ଆସିଥିଲେ। ଗତମାସ ୨୮ ତାରିଖରେ ତାଙ୍କ ଘର ପ୍ରତିଷ୍ଠା ସରିଛି। ବାହାଘର ହୋଇପାରିନାହିଁ। ଏନେଇ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# କୋମଣ୍ଡରେ ପୁଣି ବେଆଇନ ମାଙ୍କଡ଼ାପଥର ଖଣି

ନୟାଗଡ଼ ଅଫିସ,୩୦।୬(ଲୋକନାଥ ମିଶ୍ର)/ଓଡ଼ଗାଁ(ଆଦର୍ଶ ପଟ୍ଟନାୟକ)


ଖୋଳାଯାଇଥିବା ମାଙ୍କଡା ପଥର ଖଣି।

ନୟାଗଡ଼ ଜିଲା ଓଡ଼ଗାଁ ତହସିଲ କୋମଣ୍ଡ ରାଜସ୍ୱ ନିରୀକ୍ଷକ(ଆର୍‌ଆଇ)ଙ୍କ କାର୍ଯ୍ୟାଳୟ ଅଧୀନରେ ଥିବା କୋମଣ୍ଡ, ବାଦଭୂଇଁ, ଭଗବତୀପ୍ରସାଦ, ରୋହିବାଙ୍କ, ଉଦୟପୁର ଅଞ୍ଚଳରେ ପୁଣି ବେଆଇନ ଭାବେ ମାଙ୍କଡ଼ାପଥର ଓ ମୋରମ ଖଣି ଖନନ ଚାଲିଛି। କିଛିଦିନର ନୀରବତା ପରେ ଖଣି ଚୋର ସକ୍ରିୟ ହୋଇ ଉଠିଛନ୍ତି। ତେବେ ଖଣି ଖନନ ଓ ମାଲ ପରିବହନ ରାତିରେ ଚାଲିଛି। ପ୍ରାୟ ମାସେ ହେଲା ବେଆଇନ ଖଣି ଖନନ ଚାଲିଥିଲେ ମଧ୍ୟ ପ୍ରଶାସନିକ ସ୍ତରରେ ଧରପଗଡ଼ ନାହିଁ। ବେଆଇନ ଖଣି ଖନନ ଘଟଣାରେ ଜାନୁୟାରୀ ୩ରେ କୋମଣ୍ଡର ତତ୍କାଳୀନ ଆର୍‌ଆଇ ସୁଧୀର କୁମାର ପରିଡା ନିଲମ୍ବିତ ହୋଇଥିବାବେଳେ ପରବର୍ତ୍ତୀ ପର୍ଯ୍ୟାୟରେ ତହସିଲଦାର ବିଜୟିତା ସାମନ୍ତସିଂହାର ବଦଳି ହୋଇଥିଲେ। ଆର୍‌ଆଇଙ୍କ ନିଲମ୍ବନ ଓ ତହସିଲଦାରଙ୍କ ବଦଳି ଏଠାରେ କିଛି ଫରକ ପଡ଼ିଲାନାହିଁ। ବେଆଇନ ପଥର ଖଣି ଖନନକୁ ରୋକାଯାଉ ନ ଥିବାରୁ ସରକାର ରାଜସ୍ୱ ହରାଇ ଚାଲିଛନ୍ତି।

କୋମଣ୍ଡ ମାଙ୍କଡ଼ା ପଥର ଓ ମୋରମ ଖଣି ବେଆଇନ ଭାବେ ଚାଲିଥିଲା। ବାରମ୍ବାର ଅଭିଯୋଗ ପରେ କିଛି ଫରକ ପଡୁ ନ ଥିଲା। ତେବେ ୨୦୨୨ ଡିସେମ୍ବର ଓ ୨୦୨୩ ଜାନୁୟାରୀରେ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରକାଶନ ପରେ ନୟାଗଡ଼ ଜିଲାପାଳ ଚଢ଼ାଉ କରିଥିଲେ। ଚଢ଼ାଉ ପରେ ଅନିୟମିତତା ଜଣାପଡ଼ିଥିଲା। ଜାନୁୟାରୀ ୩ରେ ଜିଲାପାଳ ଆର୍‌ଆଇଙ୍କୁ ନିଲମ୍ବିତ କରିଥିଲେ। ପରେ ଉପଜିଲାପାଳଙ୍କ ତଦନ୍ତ ନିର୍ଦ୍ଦେଶକୁ ଭିତ୍ତି କରି ଜିଲାପାଳ ତହସିଲଦାରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ଅବଗତ କରାଇଥିଲେ। କିଛିଦିନ ପରେ ଓଡ଼ଗାଁର ତତ୍କାଳୀନ ତହସିଲଦାର ବିଜୟିତା ସାମନ୍ତସିଂହାର ବଦଳି ହୋଇଥିଲେ। ତେବେ ତହସିଲଦାରଙ୍କୁ କେବଳ ବଦଳି କରିଦେବା ପରେ ସାଧାରଣରେ ଅସନ୍ତୋଷ ସୃଷ୍ଟି ହୋଇଥିଲା। ସେ ସମୟରେ ବେଆଇନ ଖଣିକୁ ଚଳାଇବା ପାଇଁ ତହସିଲଦାର, ଆର୍‌ଆଇ, ରାଜନେତା, ସରକାରୀ କର୍ମଚାରୀଙ୍କଠାରୁ ଆରମ୍ଭ କରି କେତେଜଣ ଗଣମାଧ୍ୟମର ପ୍ରତିନିଧି ଲାଞ୍ଚ ନେଇଥିବା ଅଭିଯୋଗ ହୋଇଥିଲା। ପଥର ଚୋରମାନେ ଜଣେ ଖବରଦାତାଙ୍କ ଜରିଆରେ ଲାଞ୍ଚ ଟଙ୍କା ଦେଉଥିବା ଚର୍ଚ୍ଚା ହୋଇଥିଲା। ଏବେ ପୁଣି ଲାଞ୍ଚ କାରବାର କରି ବେଆଇନ ଖଣି ଖନନ ଆରମ୍ଭ ହୋଇଛି ବୋଲି ଅଭିଯୋଗ ଉଠିଛି। ଏ ନେଇ ଜଣେ ପଥର ଚୋର କହିଛନ୍ତି, ଭାଇଙ୍କର ପ୍ରତ୍ୟକ୍ଷ ଆଶୀର୍ବାଦ ରହିଛି। ଖଣି ଖନନ ଦିନବେଳା ନୁହେଁ ରାତିରେ କରିବାକୁ ମୌଖିକ ନିର୍ଦ୍ଦେଶ ମିଳିଛି। ଆମେ ଭାଇଙ୍କ କଥା ମାନି ରାତିରେ ଖନନ କରୁଛୁ। ଏଥର ଅସୁବିଧା ହେବନି। ପ୍ରଶାସନିକସ୍ତରରେ ସହଯୋଗ ମିଳୁଛି। ଆମକୁ ହଇରାଣ କରନ୍ତୁ ନାହିଁ। ଆମେ ତ ପୁଣି ବଞ୍ଚିବୁ ବୋଲି ସେ କହିଛନ୍ତି।

- କିଛିଦିନର ନୀରବତା ପରେ ପୁଣି ଖଣି ଚୋର ସକ୍ରିୟ
- ରାତିରେ ହେଉଛି ଖନନ, ମାଲ୍ ପରିବହନ
- ମାସେ ହେଲା ଚାଲିଥିଲେ ମଧ୍ୟ ନାହିଁ ଧରପଗଡ଼
- ଆର୍‌ଆଇଙ୍କ ନିଲମ୍ବନ ଓ ତହସିଲଦାରଙ୍କ ବଦଳି ପଡ଼ିଲାନି ଫରକ

## ଜିଲାପାଳଙ୍କ ଚଢ଼ାଉ ନାହିଁ

ଜିଲାପାଳ ରବୀନ୍ଦ୍ର ନାଥ ସାହୁ ୨୦୨୨ ବର୍ଷ ଶେଷ ଓ ୨୦୨୩ ଆରମ୍ଭରେ ବେଆଇନ ଖଣି ଉପରେ ଚଢ଼ାଉ କୋକୁଆ ଭୟ ସୃଷ୍ଟି କରିଥିଲା। ତେବେ ଖଣି ଉପରେ କିଛି ମାସ ହେଲା ଜିଲାପାଳଙ୍କ ପକ୍ଷରୁ ଆଉ ଚଢ଼ାଉ କରାଯାଉନାହିଁ ବୋଲି କୁହାଯାଉଛି। ଜିଲାପାଳଙ୍କ ନୀରବତା ପରେ ପୁଣି ଖଣି ଚୋର ସକ୍ରିୟ ହୋଇ ଉଠିଛନ୍ତି। ଖଣି ଚୋର ସକ୍ରିୟ ହୋଇଥିବାବେଳେ ଜିଲାପାଳଙ୍କ ଚଢ଼ାଉ ନ କରିବା ଅନେକ ପ୍ରଶ୍ନ ଉଠାଉଛି। ଜିଲାପାଳ କ'ଣ ଚାପରେ ଚାପି ହୋଇଗଲେ କି ବୋଲି ଚର୍ଚ୍ଚା ହୋଉଛି। ପୁଣି ଥରେ ଜିଲାପାଳ ଖଣି ଉପରେ ଚଢ଼ାଉ କରି ଖଣି ଚୋରକୁ ସାବାଡ଼ କରିବାକୁ ସାଧାରଣରେ ଦାବି ଉଠିଲାଣି। ଏ ନେଇ ଓଡଗାଁ ତହସିଲଦାର ଅନିଲ କୁମାର ଆଚାର୍ଯ୍ୟଙ୍କୁ ପଚାରିବାରେ କୋମଣ୍ଡ ଅଞ୍ଚଳରେ ବେଆଇନ ଖଣି ଖନନ ଚାଲୁଥିବା ଅଭିଯୋଗ ପାଇନାହିଁ। ତେବେ ଖୁବ୍‌ଶୀଘ୍ର ପୁଣିଥରେ ଖଣିଉପରେ ଚଢ଼ାଉ କରାଯିବ ବୋଲି ସେ କହିଛନ୍ତି।

# ଲକ୍ଷ୍ମୀନାରାୟଣ ଭେଟ ପରେ ୩ ରଥ ସିଂହଦ୍ୱାରରେ ପହଞ୍ଚିଲା


ମହାପ୍ରଭୁଙ୍କ ସହ ଲକ୍ଷ୍ମୀନାରାୟଣ ଭେଟ ହେଉଛି।

ରଣପୁର, ୩୦।୬
(ସୁକାନ୍ତ କିଶୋର ଡାକୁଆ)

- ଅଧରପଣା ନୀତି ସମ୍ପନ୍ନ
- ନନ୍ଦିଘୋଷ ରଥରେ ଆହତ ହେଲେ ମହାରଣା

ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ପରିଚିତ ରଣପୁରର ବାହୁଡା ଯାତ୍ରା ୨ ଦିନ ପରେ ଶୁକ୍ରବାର ଶ୍ରଦ୍ଧାଳୁମାନେ ଉତ୍ସାହର ସହ ଅଧାବାଟରେ ଥିବା ଦେବଦଳନ ରଥକୁ ମହିଳାମାନେ ଟାଣି ନେଇ ମନ୍ଦିର ନିକଟରେ ଲଗାଇଥିଲେ। ପରେ ଭକ୍ତ ଓ ଶ୍ରଦ୍ଧାଳୁମାନେ ନନ୍ଦିଘୋଷ ରଥକୁ ଟାଣିଥିଲେ। ରଥ ଟଣାବେଳେ ସରୋଜ କୁମାର ମହାରଣା (୨୬) ରଥ ଛକ ତଳେ ଗୋଡ଼ ଖସିଯିବାରୁ ଗୁରୁତର ହୋଇଥିଲେ। ତୁରନ୍ତ ସେଠାରୁ ତାକୁ ସ୍ଥାନୀୟ ପ୍ରଶାସନ ଚିକିତ୍ସା ପାଇଁ ରଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ପୁଣି ରଥ ଟଣା ଯାଇଥିଲା। ବାଟରେ ଲକ୍ଷ୍ମୀନାରାୟଣ ଭେଟ ପରେ ନନ୍ଦିଘୋଷ ରଥକୁ ମନ୍ଦିର ନିକଟରେ ପହଞ୍ଚା ଯାଇଥିଲା। ଭକ୍ତ ବୁଧବାର ବାହୁଡ଼ାରେ ତାଳଧ୍ୱଜ ରଥକୁ ଟାଣି ନେଇ ସିଂହଦ୍ୱାରରେ ପହଞ୍ଚାଇ ଥିଲେ। ପରେ ସୁଭଦ୍ରାଙ୍କ ଦେବଦଳନ ରଥକୁ ମହିଳାମାନେ ଟାଣି ଥିଲେ। ରାତି ହୋଇଯିବାରୁ ରଥ ଟଣା ବନ୍ଦ ରହିଥିଲା। ଶୁକ୍ରବାର ଅପରାହ୍ନ ସାଢେ ୪ ଟାରେ ରଥ ଟଣା ଆରମ୍ଭ ହୋଇଥିଲା। ମହିଳା ଭକ୍ତ କଡ଼ା ସୁରକ୍ଷା ମଧ୍ୟରେ ଦେବୀ ସୁଭଦ୍ରାଙ୍କ ରଥକୁ ଟାଣି ନେଇ ଶ୍ରୀମନ୍ଦିର ନିକଟରେ ଥିବା ରଥ ଖଳାରେ ଲଗାଇ ଥିଲେ। ସନ୍ଧ୍ୟାରେ ମନ୍ଦିର ନିକଟରେ ନନ୍ଦିଘୋଷ ରଥ ପହଞ୍ଚିବା ପରେ ଅଭିମାନିନୀ ମା' ଲକ୍ଷ୍ମୀ ମନ୍ଦିରରୁ ଏକ ସୁସଜ୍ଜିତ ଦୋଳ ବିମାନରେ ବିରାଜମାନ କରି ଘଣ୍ଟ, ଘଣ୍ଟା, କାହାଳି, ହରିବୋଲ, ହୁଳହୁଳି, ଆତସବାଜି ମଧ୍ୟରେ ଆସି ରଥ ନିକଟରେ ପହଞ୍ଚି ଥିଲେ। ସେଠାରେ ଲକ୍ଷ୍ମୀନାରାୟଣ ଭେଟ ହୋଇଥିଲା। ରଥରେ ଠାକୁରଙ୍କ ଅଧରପଣା ନୀତି ସମ୍ପନ୍ନ କରାଯାଇଥିଲା। ରଥରେ ବିରାଜମାନ ମହାପ୍ରଭୁ ଶ୍ରୀଜଗନ୍ନାଥ ସହ ମା'ଲକ୍ଷ୍ମୀଙ୍କର ଏହି ଭେଟକୁ ଦେଖିବା ପାଇ ବହୁ ଭକ୍ତ ସମାଗମ ହୋଇଥିଲା। ଶନିବାର ୩ ଠାକୁରଙ୍କୁ ପହଣ୍ଡି କରାଯାଇ ମନ୍ଦିରକୁ ନିଆଯିବ ବୋଲି ଦେବୋତ୍ତର ବିଭାଗର ଅଧିକାରୀ ପ୍ରକାଶ କରିଛନ୍ତି।

# ମନ୍ଦିରକୁ ଫେରିଲେ ଠାକୁର

ଖଣ୍ଡପଡ଼ା, ୩୦।୬
(ଅଜୟ କୁମାର ମହାରଣା)

**ଅଧରପଣା ନୀତି, ଲକ୍ଷ୍ମୀନାରାୟଣ ଭେଟ ସମ୍ପନ୍ନ**

ଖଣ୍ଡପଡ଼ାଠାରେ ଘୋଷଯାତ୍ରା ଅବସରରେ ୧୧ ଦିନର ଯାତ୍ରା ଶେଷ କରି ଶୁକ୍ରବାର ୩ ଠାକୁରଙ୍କ ଅଧରପଣା ନୀତି ପରେ ଲକ୍ଷ୍ମୀନାରାୟଣ ଭେଟ ଅନୁଷ୍ଠିତ ହୋଇ ମନ୍ଦିରକୁ ଫେରିଛନ୍ତି। ଶୁକ୍ରବାର ରଥଟଣା କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ଆରମ୍ଭ ହୋଇ ସନ୍ଧ୍ୟା ପୂର୍ବରୁ ରଥଗଡ଼ା ଛକ ନିକଟରେ ଠାକୁର ପହଞ୍ଚି ଥିଲେ। ଖଣ୍ଡପଡ଼ା ଦେବୋତ୍ତର ବିଭାଗ ପକ୍ଷରୁ ପରିଚାଳିତ ମହିମାମେରୁ ଦିଅଁଙ୍କୁ ରଘୁନାଥ ମନ୍ଦିର ଓ ରାଜ ପରିବାର ପକ୍ଷରୁ ସ୍ଥାପନ କରାଯାଇଥିବା ଏକକ ଜଗନ୍ନାଥଙ୍କୁ ସ୍ୱମନ୍ଦିରକୁ ବିଜେ କରାଯିବା ପୂର୍ବରୁ ଏହି ୨ଟି ମନ୍ଦିରରେ ଅଧରପଣା ନୀତି ଓ ଲକ୍ଷ୍ମୀନାରାୟଣ ଭେଟ ଅନୁଷ୍ଠିତ ହୋଇଥିଲା। ଠାକୁରମାନେ ମାଉସୀ ମା' ମନ୍ଦିରରୁ ୨ଟି ରଥରେ ବାହାରି ଖଣ୍ଡପଡ଼ା ଥାନା ବଜାର ନିକଟରେ ଅଟକି ରହିଥିଲେ। ଲକ୍ଷ୍ମୀ ଠାକୁରାଣୀଙ୍କୁ ମନ୍ଦିରରେ ଏକାକି ଛାଡ଼ି ମାଉସୀ ମା' ଘରକୁ ବୁଲି ଯାଇଥିବାରୁ ମହାପ୍ରଭୁଙ୍କୁ ବିରୋଧର ସମ୍ମୁଖିନ ହେବାକୁ ପଡ଼ିଥିଲା। ସନ୍ଧ୍ୟାରେ ପହଣ୍ଡି ସାରି ଠାକୁର ମନ୍ଦିରରେ ପ୍ରବେଶ କରିବାକୁ ଯାଉଥିବା ବେଳେ ଲକ୍ଷ୍ମୀ ଠାକୁରାଣୀ ବାରଣ କରିଥିଲେ। ରଥରୁ ଓହ୍ଲାଇ ମହାପ୍ରଭୁ ମନ୍ଦିର ଦ୍ୱାର ଦେଶରେ ପହଞ୍ଚିବା କ୍ଷଣି ଠାକୁରାଣୀ ମନ୍ଦିର ଦ୍ୱାର ବନ୍ଦ କରି ଦେଇଥିଲେ। ପାରମ୍ପରିକ ରୀତିନୀତି ପରେ ଠାକୁରଙ୍କ ସେବକମାନେ କବାଟ ଫେଡା ନୀତି ସମ୍ପନ୍ନ କରିଥିଲେ। ଠାକୁର ରଥରୁ ଓହ୍ଲାଇବା ପୂର୍ବରୁ ଯଥାରୀତି ଦକ୍ଷିଣ ଆଳତି ହୋଇଥିଲା। ଖଣ୍ଡପଡ଼ା ଶ୍ରୀଜଗନ୍ନାଥ ମନ୍ଦିରରେ ୩ଦିନ ଧରି ଖଣ୍ଡପଡ଼ା ରାଜ ପରିବାର ଦ୍ୱାରା ଅନୁଷ୍ଠିତ ବାହୁଡ଼ା ଯାତ୍ରା ଶେଷ ହୋଇଛି। ଏହି ଅବସରରେ ପାରମ୍ପରିକ ରୀତିନୀତି ଅନୁଯାୟୀ ଲକ୍ଷ୍ମୀନାରାୟଣଙ୍କ ଭେଟ ଅନୁଷ୍ଠିତ ହୋଇଯାଇଛି। ଏକ ସୁସଜ୍ଜିତ ବିମାନରେ ମା ଲକ୍ଷ୍ମୀ ରଥ ଚାରିପାଖେ ପରିକ୍ରମା କରିବା ପରେ ମଙ୍ଗଳ ଆଳତୀ ଅନୁଷ୍ଠିତ ହୋଇଥିଲା। ଶ୍ରଦ୍ଧାଳୁମାନେ ମନ୍ଦିର ବେଢାରେ ଉପସ୍ଥିତ ରହି ଲକ୍ଷ୍ମୀନାରାୟଣ ଭେଟକୁ ଉପଭୋଗ କରିଥିଲେ। ସନ୍ଧ୍ୟାରେ ରଥାରୂଢ ବିଗ୍ରହଙ୍କ ନିକଟରେ ଅଧରପଣା ଲାଗି କରାଯାଇ ଭକ୍ତ ମାନଙ୍କୁ ବଣ୍ଟନ କରାଯାଇଥିଲା। ଉତ୍ସବରେ ରାଜ ପରିବାର ସଦସ୍ୟମାନେ ଉପସ୍ଥିତ ଥିଲେ। ପରେ ଦେବୋତ୍ତର ବିଭାଗ ପରିଚାଳିତ ମହିମାମେରୁ ଦିଅଁଙ୍କ ନ କାଦ୍ରୀ ବିଜେ ହୋଇଥିବା ଦେବୋତ୍ତର ମ୍ୟାନେଜର ଗୋବିନ୍ଦ ଚନ୍ଦ୍ର ପଟ୍ଟନାୟକଙ୍କ ଠାରୁ ପ୍ରକାଶ।


ବିମାନରେ ଲକ୍ଷ୍ମୀ ଆସି ଠାକୁରଙ୍କୁ ଭେଟୁଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଓମ୍‌ପ୍ରକାଶ


@ ତରୁଣ


@ ସୋନୁ


@ ପ୍ରମୋଦ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଅବସର ନେଲେ ନୟାଗଡ଼ ଏସ୍‌ପି

ନୟାଗଡ଼,୩୦।୬
(ଲୋକନାଥ ମିଶ୍ର)


ଅଲେଖ ଚନ୍ଦ୍ର ପହି

ନୟାଗଡ଼ ଏସ୍‌ପି ଅଲେଖ ଚନ୍ଦ୍ର ପହି ଶୁକ୍ରବାର ଅବସର ନେଇଛନ୍ତି। ତେବେ ନୟାଗଡ଼ ପାଇଁ ନୂଆ ଏସ୍‌ପିଙ୍କ ନିଯୁକ୍ତି ହୋଇନି। ଅନ୍ୟପକ୍ଷେ ନୂଆ ଏସ୍‌ପି କାର୍ଯ୍ୟରେ ଯୋଗ ନ ଦେବା ପର୍ଯ୍ୟନ୍ତ ଅତିରିକ୍ତ ଏସ୍‌ପି ଉମାକାନ୍ତ ମଲିକ ଦାୟିତ୍ୱ ତୁଲାଇବେ ବୋଲି ଜଣାପଡ଼ିଛି।

# ସ୍ୱାମୀଙ୍କ ନିର୍ଯ୍ୟାତନା ସହି ନ ପାରି ମହିଳାଙ୍କ ଆତ୍ମହତ୍ୟା ଅଭିଯୋଗ

ଓଡ଼ଗାଁ,୩୦।୬
(ଆଦର୍ଶ କୁମାର ପଟ୍ଟନାୟକ)

ଓଡ଼ଗାଁ ଆଦର୍ଶ ଥାନା ଅନ୍ତର୍ଗତ ରାବେରା ଗାଁରେ ସ୍ୱାମୀଙ୍କ ନିର୍ଯ୍ୟାତନା ସହି ନ ପାରି ଜଣେ ମହିଳା ବିଷପାନ କରି ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତା ହେଲେ ପୁରୁଷୋତ୍ତମ ପ୍ରଧାନଙ୍କ ସ୍ତ୍ରୀ ଜ୍ୟୋସ୍ନାରାଣୀ(୩୫)। ଜ୍ୟୋସ୍ନାଙ୍କ ୨ ପୁଅ ଓ ଝିଅ ଥିବା ବେଳେ ସ୍ୱାମୀ ତାଙ୍କୁ ନିର୍ଯ୍ୟାତନା ଦେବା ସହ ୨ ପିଲାଙ୍କୁ ମାଡ଼ପିଟ କରୁଥିଲେ। ଫଳରେ ସେ ନିର୍ଯ୍ୟାତନା ସହି ନ ପାରି ବାରମ୍ବାର ବାପାଘରକୁ ଚାଲିଯାଉଥିଲେ। ପରବର୍ତ୍ତୀ ସମୟରେ ପୁରୁଷୋତ୍ତମ ବୁଝସୁଝ କରିବାରେ ସେ ଘରକୁ ଫେରୁଥିଲେ। ହେଲେ କୌଣସି କାରଣରୁ ଜ୍ୟୋସ୍ନା ମାନସିକ ଭାରସାମ୍ୟ ହରାଇ ଶୁକ୍ରବାର ସକାଳେ ପୁଅ ଦ୍ୱାରା ଗାଁ ଦୋକାନରୁ ଚାଉଳ ପୋକମରା ବିଷ ୨ ପ୍ୟାକେଟ ମଗାଇ ରଖିଥିଲେ। ଝିଅ ସ୍କୁଲ ଓ ପୁଅ ଆଦର୍ଶ ବିଦ୍ୟାଳୟ ଚାଲିଯିବା ପରେ ଜ୍ୟୋସ୍ନା ବିଷପାନ କରିଦେବାରୁ ଅବସ୍ଥା ଗୁରୁତର ହୋଇଥିଲା। ପରିବାର ଲୋକେ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତା ଘୋଷଣା କରିଥିଲେ। ମୃତାଙ୍କ ଭାଇ ଡିମିଶର ଗ୍ରାମର ସୁକାନ୍ତ କୁମାର ସ୍ୱାଇଁ ଏ ନେଇ ଥାନାରେ ଅଭିଯୋଗ କରିବାରେ ପୋଲିସ ଏକ ମାମଲା ରୁଜୁକରି ମୃତଦେହ ଜବତ କରିଥିଲା। ପରେ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ବାରଣ ସତ୍ତ୍ୱେ ପର୍ଯ୍ୟଟକ ମାନୁନାହାନ୍ତି

ଖଣ୍ଡପଡା,୩୦।୬
(ଅଜୟ କୁମାର ମହାରଣା)



ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ଶୌଚାଳୟକୁ ବାହାର ଲୋକେ ଯାଉଛନ୍ତି।

**କଣ୍ଟିଲୋ ସରକାରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଶୌଚାଳୟ**

ଖଣ୍ଡପଡା ବ୍ଲକ ଅଧିନ କଂଟିଲୋ ସରକାରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ଶୌଚାଳୟଟି ଅଂଚଳବାସୀଙ୍କ ପାଇଁ ବିପଦର କାରଣ ପାଲଟିବ ବୋଲି ସାଧାରଣରେ ଆଶଙ୍କା ପ୍ରକାଶ ପାଇଛି। ବିଭାଗୀୟ କର୍ତ୍ତୃପକ୍ଷଙ୍କ ବାରଣ ସତ୍ତ୍ୱେ ନୀଳମାଧବ ଜୀଉଙ୍କ ଦର୍ଶନରେ ବାହାରୁ ଆସୁଥିବା ପର୍ଯ୍ୟଟକ ମାନେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ଶୌଚାଳୟକୁ ବ୍ୟବହାର କରୁଥିବାରୁ ଏଭଳି ଆଶଙ୍କା ପ୍ରକାଶ ପାଇଛି। ପ୍ରକାଶ ଯେ, ଗତ ମାର୍ଚ୍ଚ ମାସ ୨୩ ତାରିଖ କଂଟିଲୋ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଅନୁଷ୍ଠିତ ଜନ ଆରୋଗ୍ୟ ସମିତି ବୈଠକରେ ଏଭଳି ଘଟଣା ସଂପର୍କରେ ସୂଚନା ମିଳିବା ପରେ ଉକ୍ତ ଶୌଚାଳୟକୁ ରୋଗୀ କିମ୍ବା ତାଙ୍କ ସଂପର୍କୀୟ ମାନଙ୍କ ଛଡା ଅନ୍ୟ କୌଣସି ବାହାର ଯାତ୍ରୀଙ୍କୁ ଏହି ଶୌଚାଳ୍ୟକୁ ବ୍ୟବହାର କରିବା ପାଇଁ ବାରଣ କରିବାକୁ ପରାମର୍ଶ ଦିଆ ଯାଇଥିଲା। ମାତ୍ର ପରବର୍ତୀ ସମୟରେ କଂଟିଲୋକୁ ଆସୁଥିବା ବାହାରର ପର୍ଯ୍ୟଟକ ମାନେ ବାଧ ବାଧକତାରେ ଉକ୍ତ ଶୌଚାଳୟକୁ ବ୍ୟବହାର କରୁଥିବା ସ୍ୱାସ୍ଥ୍ୟକେନ୍ଦ୍ର କର୍ତ୍ତୃପକ୍ଷଙ୍କ ଠାରୁ ଜଣାଯାଇଛି। ସୂଚନା ଯୋଗ୍ୟ ଯେ, କଂଟିଲୋ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ କଂଟିଲୋ ତଥା ଏହାର ଆଖ ପାଖ ବାଣପୁର, ସିଧାମୂଳା, ବେଣାଗାଡିଆ, ପଥରଚକଡା, ଧାନଚେଙ୍ଗଡା, କେନ୍ଦୁପଲ୍ଲୀ ଆଦି ୭ ଟି ପଂଚାୟତର ପ୍ରାୟ ୪୦ରୁ ୫୦ ହଜାର ଜନସାଧାରଣ ସ୍ୱାସ୍ଥ୍ୟ ସେବା ପାଇଁ ନିର୍ଭର କରିଥାଁନ୍ତି। ଏହାଛଡା କଂସା ପିତଳ ବାସନ ଶିଳ୍ପପାଇଁ ପ୍ରସିଦ୍ଧି ଲାଭ କରିଥିବା କଂଟିଲୋ ନୀଳମାଧବ ପୀଠ ଜଗନ୍ନାଥ ସଂସ୍କୃତିର ଆଦିପୀଠ ଏବଂ ରାଜ୍ୟର ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ଭାବରେ ପରିଚିତ। ଏଥି ପାଇଁ ପ୍ରତ୍ୟେହ ଏଠାକୁ ରାଜ୍ୟ ତଥା ରାଜ୍ୟ ବାହାରୁ ଶତାଧିକ ପର୍ଯ୍ୟଟକ ପରିଦର୍ଶନରେ ଆସିଥାଁନ୍ତି। ତେବେ କଂଟିଲୋ ପର୍ଯ୍ୟଟନ ପୀଠରେ ପର୍ଯ୍ୟଟକମାନଙ୍କ ସ୍ନାନ ଶୌଚାଦି ପାଇଁ କୌଣସି ବ୍ୟବସ୍ଥା ନଥିବାରୁ ରାଜ୍ୟ ତଥା ରାଜ୍ୟ ବାହାରୁ ବିଭିନ୍ନ ଯାନବାହନରେ ଏଠାକୁ ଆସୁଥିବା ପର୍ଯ୍ୟଟକ ସକାଳୁ ସକାଳୁ ସ୍ନାନ ଶୌଚାଦି ପାଇଁ ସ୍ଥାନୀୟ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ଶୌଚାଳୟକୁ ମେଡିକାଲ କର୍ତ୍ତୃପକ୍ଷ କିମ୍ବା କର୍ମଚାରୀଙ୍କ ବାରଣ ସତ୍ତ୍ୱେ ବାଧ ବାଧକତାରେ ସ୍ନାନ ଶୌଚାଦି କାର୍ଯ୍ୟ ସଂପନ୍ନ କରିଥାଁନ୍ତି। ବିଭାଗୀୟ କର୍ମଚାରୀଙ୍କ ସୂଚନା କ୍ରମେ ଚଳିତ ବର୍ଷ ଲକ୍ଷାଧିକ ମହିଳା ଓ ପୁରୁଷ ଏହି ଶୌଚାଳୟ ବ୍ୟବହାର ପାଇଁ ରୋଗୀ ତଥା ରୋଗୀ ସଂପର୍କୀୟମାନଙ୍କ ପାଇଁ ଉଦ୍ଦିଷ୍ଟ ଥିବା ବେଳେ ସଂପୃକ୍ତ ବାହାର ବ୍ୟକ୍ତିମାନେ ବ୍ୟବହାର କରିଛଁନ୍ତି। ଏଠାରେ ସୂଚନା ଯୋଗ୍ୟ ଯେ, ବାହାରୁ ଆସୁଥିବା ଲୋକମାନଙ୍କ ଯଦି କେହି କିଛି ନାକିଛି ରୋଗରେ ସଂକ୍ରମିତ ହୋଇଥାଁନ୍ତି ତେବେ ଏହି ରୋଗ ଅନ୍ୟମାନଙ୍କୁ ଏହି ଶୌଚାଳୟ ମାଧ୍ୟମରେ ସଂକ୍ରମଣ କରିବାର ବହୁତ ସମ୍ଭାବନା ରହିଛି। ତେବେ ରାଜ୍ୟ ତଥା ରାଜ୍ୟ ବାହାରୁ ଶତାଧିକ ପର୍ଯ୍ୟଟକ ସଂପ୍ରତି ରଥଯାତ୍ରା ଓ ବାହୁଡା ଯାତ୍ରା ଅବସରରେ ପୁରୀରୁ ଫେରି କଂଟିଲୋର ଶ୍ରୀ ନୀଳମାଧବ ଜୀଉଙ୍କ ଦର୍ଶନରେ ଆସି ଏପରି ସମସ୍ୟା ସୃଷ୍ଟି କରୁଥିବା ଜଣାଯାଇଛି। ରୋଗୀ କିମ୍ବା ତାଙ୍କ ସଂପର୍କୀୟଙ୍କ ବ୍ୟତିତ ଅନ୍ୟ କେହି ଯେପରି ସମୁହ ସ୍ୱାର୍ଥ ଦୃଷ୍ଟିରୁ ସ୍ୱାସ୍ଥ୍ୟକେନ୍ଦ୍ର ଶୌଚାଳୟକୁ ବ୍ୟବହାର ନ କରି ସେଥିପ୍ରତି ସ୍ଥାନୀୟ ପଂଚାୟତ କର୍ତ୍ତୃପକ୍ଷ, ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଏ ସଂପର୍କରେ ନୟାଗଡ ଜିଲ୍ଲା ମୁଖ୍ୟ ଚିକିତ୍ସାଧାରୀ ଡ ମକରନ୍ଦ ବେଉରାଙ୍କ ଦୃଷ୍ଟି ଆକର୍ଷଣ କରିବାରେ ରୋଗୀ ଓ ତାଙ୍କ ଅଟେଣ୍ଡାଂଟ ବ୍ୟତିତ ଅନ୍ୟ କୌଣସି ବ୍ୟକ୍ତିଙ୍କୁ ଶୌଚାଳୟ ବ୍ୟବହାର ପାଇଁ ବାରଣ କରାଯିବା ଉଚିତ ବୋଲି ମତ ଦେବା ସହ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ର କର୍ତ୍ତୃପକ୍ଷଙ୍କୁ ଅବଗତ କରାଯିବ ବୋଲି ସୂଚନା ଦେଇଥିଲେ।

